Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 45
Saturday, 18 April 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୮ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଲୋକସଭାରେ କାଟ୍ ଖାଇଲା ମହିଳା ସଂରକ୍ଷଣ ବିଲ୍

ନୂଆଦିଲ୍ଲୀ, ୧୭/୪(ନ୍ୟୁ.ଏ): ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଲାଗିଛି ବଡ଼ ଝଟକା । ଲୋକସଭାରେ ଏନଡିଏ ସରକାର ମହିଳା ସଂରକ୍ଷଣ ବିଲ୍ ପାରିତ କରିବାରେ ବିଫଳ ହୋଇଛି । ୧୩୧ତମ ସମ୍ବିଧାନ ବିଲ୍ ଜରିଆରେ କେନ୍ଦ୍ର ସରକାର ତତ୍କାଳ ମହିଳା ସଂରକ୍ଷଣ ବିଲ ଲାଗୁ କରିବାକୁ ଲକ୍ଷ୍ୟ ରଖିଥିଲେ । ମହିଳା ସଂରକ୍ଷଣକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଯୋଡ଼ିଥିଲେ । ହେଲେ ଏହି ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ ତୃତୀୟାଂଶ ମତ ହାସଲ କରିପାରି ନାହିଁ । ସମ୍ବିଧାନ ସଂଶୋଧନ ବିଲ ସପକ୍ଷରେ ୨୯୮ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୨୩୦ ଖଣ୍ଡ ଭୋଟ ପଡ଼ିଛି । ଅର୍ଥାତ ୫୨୮ ଜଣ ସାଂସଦ ଆଜିର ଭୋଟିଂରେ ସାମିଲ ହୋଇଥିଲେ । ସମ୍ବିଧାନ ସଂଶୋଧନ ବିଲ ପାରିତ ହେବାକୁ ୩୨୬ ଖଣ୍ଡ ଭୋଟର ଆବଶ୍ୟକ ରହିଥିଲା । କିନ୍ତୁ ଏନଡିଏ ଏହାକୁ

ହାସଲ କରିବାରେ ବିଫଳ ହୋଇଛି । ଏଥିଯୋଗୁ ସମ୍ବିଧାନ ସଂଶୋଧନ ବିଲ ଲୋକସଭାରେ ଗୃହୀତ ହୋଇ ପାରନାହିଁ । ଏହି ସମ୍ବିଧାନ ସଂଶୋଧନ ବିଲ ସହ ସରକାର ସୀମା ପୁନଃ ନିର୍ଦ୍ଧାରଣ ଓ କେନ୍ଦ୍ର ଶାସିତ ଅଂଚଳ ଆଇନ ସଂଶୋଧନ ବିଲ ୨୦୨୬ ମଧ୍ୟ ଆଣିଥିଲେ । ସମ୍ବିଧାନ ସଂଶୋଧନ ବିଲ ସହ ଏହାକୁ ଯୋଡ଼ା ଯାଇଥିଲା । ହେଲେ ସମ୍ବିଧାନ ସଂଶୋଧନ ବିଲ ପାରିତ ହୋଇ ପାରି ନଥିବାରୁ ଉଭୟ ବିଲକୁ ମଧ୍ୟ ସରକାର ଆଗକୁ ଆଉ ବଢ଼ାଇବାକୁ ମନା କରି ଦେଇଛନ୍ତି । ଅର୍ଥାତ କେନ୍ଦ୍ର ସରକାର ଆଣିଥିବା ୩ଟି ଯାକ ବିଲ ଲୋକସଭାର ଅନୁମୋଦନ ହାସଲ କରିପାରି ନାହିଁ । ବାଚସ୍ପତି ଓମ ବିର୍ଲା ଏହା ଘୋଷଣା କରିବା ସହ ଆସନ୍ତାକାଲି ଦିନ ୧୧ଟା ଯାଏ ଗୃହକୁ ସ୍ଥଗିତ ଘୋଷଣା କରିଛନ୍ତି । ବିଲ୍ ପାରିତ ହୋଇଥିଲେ ମହିଳାଙ୍କ ପାଇଁ ସଂସଦ ଓ ରାଜ୍ୟ ବିଧାନସଭାରେ ୩୩% ଆସନ ସଂରକ୍ଷଣ ହୋଇଥାଆନ୍ତା । ସେହିପରି ଲୋକସଭାର ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ହୋଇଥାଆନ୍ତା । କିନ୍ତୁ ସରକାର ଏହା ସହ ସୀମା ନିର୍ଦ୍ଧାରଣକୁ ଯୋଡ଼ିଥିବାରୁ ବିରୋଧୀ ଜୋରଦାର ବିରୋଧ କରିଥିଲେ । ବିଲ୍ ପାରିତ ହୋଇ ନଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ମହିଳାଙ୍କୁ ସମ୍ମାନ ଦେବାକୁ ନରେନ୍ଦ୍ର ମୋଦି ସରକାର ବ୍ୟବସ୍ଥା କରିଥିଲେ ହେଁ ଏହାକୁ ବିରୋଧୀ ସମର୍ଥନ କରି ନାହାନ୍ତି । ସେମାନେ ଐତିହାସିକ ସୁଯୋଗ ହାତ ଛଡ଼ା କରିଛନ୍ତି । ହେଲେ ମୋଦି ସରକାର ମହିଳାଙ୍କ ସମ୍ମାନ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସେ ଘୋଷଣା କରିଛନ୍ତି । ସମ୍ବିଧାନ ସଂଶୋଧନ ବିଲ ଫେଲ ମାରିବାରୁ ରିଜିଜୁ ଅନ୍ୟ ଦୁଇ ବିଲ ସୀମା ପୁନଃ ନିର୍ଦ୍ଧାରଣ ବିଲ ଓ କେନ୍ଦ୍ର ଶାସିତ ଅଂଚଳ ଆଇନ ସଂଶୋଧନ ବିଲ ମଧ୍ୟ ଆଗକୁ ନ ବଢ଼ାଇବାକୁ ବାଚସ୍ପତିଙ୍କୁ କହିଛନ୍ତି ।

ବିଜେପିର ସ୍ୱାର୍ଥ ହାସଲ ପାଇଁ ଓଡ଼ିଶା ସରକାର କାର୍ଯ୍ୟ କରୁଛି : ନବୀନ

ଭୁବନେଶ୍ୱର, ୧୭/୪ (ଆ.ପ୍ର) : ଇତିହାସ ସାକ୍ଷୀ ଅଛି । ଓଡ଼ିଶା ଲଗାତର ଭାବେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଛି । ଏବେ ଡିଲିମିଟେସନ ବିଲ୍ ମାଧ୍ୟମରେ ଓଡ଼ିଶାର ରାଜନୈତିକ ପରିଚୟ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓଡ଼ିଆ ସ୍ୱାଭିମାନ ଆଜି ବିପଦରେ ପଡ଼ିଛି । ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯାଇଥିବା ଆଶଙ୍କା ଉପୁଜିଥିବାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ବିଧାନସଭାର ଏକ ବିଶେଷ ଅଧିବେଶନ ଡାକି, ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲି । କିନ୍ତୁ ଏବେ ଲାଗୁଛି ରାଜ୍ୟ ବିଜେପି ସରକାର ଏହିଭଳି ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀରବଦ୍ରଷ୍ଟା ସାଜିବାକୁ ପସନ୍ଦ କରୁଛି । ତେଣୁ ଏଥିରୁ ସ୍ପଷ୍ଟ ହେଉଛି, ରାଜ୍ୟ ବିଜେପି ସରକାର ଓଡ଼ିଆ କି ଓଡ଼ିଶାର ସ୍ୱାର୍ଥ ନୁହେଁ ବରଂ ବିଜେପିର ସ୍ୱାର୍ଥ ପୂରଣ ପାଇଁ ଗୁରୁତ୍ୱ ଦେଉଛି । ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଏହା କହିଛନ୍ତି । ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରି ଆହୁରି କହିଥିଲେ, ଆଉ ଏକ ଚିଠି ମାଧ୍ୟମରେ ମୁଁ ଏହି ପ୍ରସଙ୍ଗରେ ରାଜ୍ୟର ସମସ୍ତ ସାଂସଦମାନଙ୍କୁ ଅବଗତ କରିବା ସହିତ ରାଜ୍ୟର ହିତ ଦୃଷ୍ଟିରୁ ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି, ଏ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରିଛି । ବିଜୁ ବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ । ଆଜି ତାଙ୍କ ତିରୋଧାନ ଦିବସରେ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ଆମର ସମ୍ମିଳିତ ଉଦ୍ୟମ ହେବ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ଦଳର ନେତୃବୃନ୍ଦଙ୍କ ଉପସ୍ଥିତିରେ ଶଙ୍ଖ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀରୁ ଆଇ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ, ଦେଶରେ ମହିଳା ମାନଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟରେ ସେମାନଙ୍କୁ ସାମ୍ବିଧାନିକ ପଦରେ ସ୍ଥାପିତ କରିବା ପାଇଁ ୯୦ ଦଶକରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପଦକ୍ଷେପ ନେଇଥିଲେ । ସଂଯୋଗ ବଶତଃ ବିଜୁ ବାବୁଙ୍କ ତିରୋଧାନ ଦିବସରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉଛି । ତେଣୁ ବିଜୁ ଜନତା ଦଳ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଛି । ସୂଚନାଯୋଗ୍ୟ, ବିଜୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ସକାଳେ ବିଜୁ ସାଗର ଠାରେ ତିଳତର୍ପଣ ଅର୍ପଣ କରାଯାଇଥିଲା । ଏହାପରେ ଫରେଷ୍ଟ ପାର୍କରେ ଓ ଏୟାରପୋର୍ଟ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କ୍ୟାପିଟାଲ ହସ୍ପିଟାଲରେ ରୋଗୀ ମାନଙ୍କୁ ଫଳ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ସହଦେବ ସମେତ ୪ ନକ୍ସଲ ନିହତ

ରାଂଚି, ୧୭/୪(ନ୍ୟୁ.ଏ): ଝାଡଖଣ୍ଡର ଚତରା ଓ ହଜାରିବାଗ ଜିଲ୍ଲା ସୀମାରେ ବଟୁକାର ଜଙ୍ଗଲରେ ଆଜି ସକାଳେ ସୁରକ୍ଷା ବାହିନୀର ଗୁଳିରେ ୪ ଜଣ ନକ୍ସଲ ନିହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ସବ୍-ଜୋନାଲ କମାଣ୍ଡର ସହଦେବ ମାହାତୋ ଓ ମହିଳା ନକ୍ସଲ ନତାଶା । ସହଦେବ ମାହାତୋ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଦୀର୍ଘ ବର୍ଷ ଧରି ଚତରା, ହଜାରୀବାଗ ଏବଂ ଲାଟେହାର ସୀମାନ୍ତ ଅଂଚଳରେ ସକ୍ରିୟ ଥିଲା । ଘଟଣାସ୍ଥଳରୁ ସୁରକ୍ଷା ବାହିନୀ ଦୁଇଟି ଏକେ-୪୭ ସହିତ ବହୁ ସଂଖ୍ୟକ କାର୍ଟ୍ରିଜ୍ ଓ ନକ୍ସଲଙ୍କ ଦ୍ୱାରା ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି । ଏହା ସହିତ ଉକ୍ତ ଅଂଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ବଟୁକାର ଜଙ୍ଗଲରେ ନକ୍ସଲମାନଙ୍କର ଏକ ବଡ଼ ଦଳ ଏକ ବଡ଼ ଅଘଟଣ ଘଟାଇବା ପାଇଁ ଷଡ଼ଯନ୍ତ୍ର କରିବାକୁ ଏକତ୍ରିତ ହୋଇଥିବା ପୁଲିସ ଖବର ପାଇଥିଲା । ଏହି ସୂଚନା ଆଧାରରେ, ଚତରା-ହଜାରୀବାଗ ପୁଲିସ ଓ କୋବ୍ରା ବାଟାଲିୟନ କର୍ମଚାରୀମାନେ ଅପରେସନ ଆରମ୍ଭ କରିଥିଲେ । ଏହି ସମୟରେ ନକ୍ସଲଙ୍କ ସହିତ ସେମାନଙ୍କର ଗୁଳିବିନିମୟ ହୋଇଥିଲା । ବହୁ ସମୟ ଧରି ଏ ଗୁଳି ବିନିମୟ ଚାଲିଥିଲା । ଯବାନଙ୍କ ଗୁଳିରେ ୪ ଜଣ ନକ୍ସଲ ନିହତ ହୋଇଥିଲେ ।

ଆବଶ୍ୟକତା ଅନୁଯାୟୀ ଚାଷୀ ସାର ପାଇବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭/୪ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଂଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପ୍ରତ୍ୟେକ ଚାଷୀ, କ୍ଷୁଦ୍ର ହୁଅନ୍ତୁ ବା ନାମମାତ୍ର, ସମସ୍ତେ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁଁ ସାର ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି । ତେଣୁ, ଖରିଫ ଋତୁରେ ଯେପରି ଚାଷୀ ଉଚିତ୍ ମୂଲ୍ୟରେ ଆବଶ୍ୟକତା ଅନୁଯାୟୀ ସାର ପାଇବେ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାପାଳମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ମେଟ୍ରିକ ଟନର ସାର ଯୋଗାଇଦେବେ । ଏପ୍ରିଲ ମାସ ପାଇଁ ୭୯,୬୩୦ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ, ଏପ୍ରିଲ ୧୫ ସୁଦ୍ଧା ୩,୬୧,୪୯୦ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି । ରାଜ୍ୟରେ ସାର ହୋଲସେଲର ବିକ୍ରେତାମାନଙ୍କ ସଂଖ୍ୟା ୧୦୨୯ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ଅଛି । ବିଭିନ୍ନ ସାର ଯୋଗାଣ କମ୍ପାନୀଙ୍କ ପକ୍ଷରୁ ସାର ଯୋଗାଣ ମଧ୍ୟ ଠିକ୍ ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଂଟ ଯାଂଚ କରାଯାଇ ୬ଟି ଲାଇସେନ୍ସ ବାତିଲ୍ କରାଯାଇଛି । ବୈଠକରେ ସୂଚନା ଦିଆଯାଇଥିଲା ଯେ, କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଂଟିଗ୍ରେଟେଡ୍ ଫର୍ଟିଲାଇଜର ମ୍ୟାନେଜମେଂଟ ସିଷ୍ଟମ (ଓଉଗଃ) ଆରମ୍ଭ କରାଯାଇଛି । ଏଥିରେ ପ୍ରତ୍ୟେକ ଜିଲ୍ଲାର ଦୈନିକ ସାର ଉପଲବ୍ଧତା ଓ ଆବଂଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି । ଜିଲ୍ଲାପାଳମାନଙ୍କ ସହିତ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ୧.୭୭ଲକ୍ଷ ମେଟ୍ରିକ ଟନ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନରୁ ଅଧିକ ଉଇଟସାର ମହଜୁଦ ଅଛି । ତେବେ ପରିସଂଖ୍ୟାନରେ ସୀମିତ ନ ରହି ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ଛୋଟ ଚାଷୀ ହେଉ ବା ନାମମାତ୍ର, ବର୍ତ୍ତମାନ ସମୟରେ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁରୂପ ସାର ପାଇବ ତାହାକୁ ଜିଲ୍ଲାପାଳ ମାନେ ସୁନିଶ୍ଚିତ କରନ୍ତୁ । ଏଥିପାଇଁ ମୁଖ୍ୟମନ୍ତ୍ରୀ ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ମଝିରେ ମଝିରେ ସାର ସମ୍ପର୍କରେ ପରାମର୍ଶ (ଇୟକ୍ଷସଷ୍ଟକ୍ସବଚ)ଦେଉଛନ୍ତି । କୃଷି ବିଭାଗ ଅଧିକାରୀମାନେ ଏହାକୁ ଅନୁସରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ଅଧିକାରୀମାନଙ୍କୁ ସାର ବଂଟନ ବ୍ୟବସ୍ଥା ସୁନିୟନ୍ତ୍ରିତ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ୍ ଏବଂ କୃଷି ଓ ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସଂପୂର୍ଣ୍ଣ ରୂପେ ଖୋଲି ଗଲା ହର୍ମୁଜ ରାସ୍ତା

ନୂଆଦିଲ୍ଲୀ, ୧୭/୪(ନ୍ୟୁ.ଏ): ପଶ୍ଚିମ ଏସିଆର ସଙ୍କଟ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି । ଲେବାନନ ଓ ଇସ୍ରାଏଲ ମଧ୍ୟରେ ଅସ୍ତ୍ରବିରତି ପରେ ଇରାନ ବାଣିଜ୍ୟିକ ଜାହାଜ ଗୁଡ଼ିକ ପାଇଁ ହର୍ମୁଜ ପ୍ରଣାଳୀର ଦ୍ୱାର ଖୋଲି ଦେଇଛି । ଶୁକ୍ରବାର ଇରାନୀ ବୈଦେଶିକ ମନ୍ତ୍ରୀ ଅରାଘଚୀ ଇସଲାମୀ ସରକାରର ଏହି ନିଷ୍ପତ୍ତିର ଘୋଷଣା କରି କହିଛନ୍ତି ଯେ, ଅସ୍ତ୍ରବିରତିର ଅବଧି ଯାଏ ହର୍ମୁଜ ପ୍ରଣାଳୀ ସବୁ ବାଣିଜ୍ୟିକ ଜାହାଜ ଗୁଡ଼ିକ ପାଇଁ ଖୋଲି ଯାଇଛି । ଇରାନୀ ବୈଦେଶିକ ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହାର ସୂଚନା ଦେଇ ଧନ୍ୟବାଦ ଦେଇଛନ୍ତି । ହେଲେ ଏହାର କିଛି ସମୟ ପରେ ଟ୍ରମ୍ପ ଆଉ ଏକ ସୋସିଆଲ ମିଡ଼ିଆ ପୋଷ୍ଟ କରି କହିଛନ୍ତି , ଯେପର୍ଯ୍ୟନ୍ତ ଇରାନ ସହ ଶାନ୍ତି ଚୁକ୍ତି ନହୋଇଛି, ସେପର୍ଯ୍ୟନ୍ତ ହର୍ମୁଜରେ ଇରାନୀ ବ୍ଲକେଡ୍ ? ଜାରି ରହିବ । ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଅବାସ ଅରଘଚୀ ସୋସିଆଲ ମିଡ଼ିଆ ସାଇଟ୍ ? ଏକ୍ସରେ ଲେଖିଛନ୍ତି , ଲେବାନନରେ ହୋଇଥିବା ଅସ୍ତ୍ରବିରତିକୁ ଦେଖି ସବୁ ବାଣିଜ୍ୟିକ ଜାହାଜ ଗୁଡ଼ିକୁ ହର୍ମୁଜରୁ ସୁରକ୍ଷିତ ଭାବେ ବାହାରିବାକୁ ରାସ୍ତାକୁ ମୁକ୍ତ କରି ଦିଆଯାଇଛି । ଏହି ମୁକ୍ତ ଅସ୍ତ୍ରବିରତିର ଅନ୍ୟ ଅବଧି ପାଇଁ ଦିଆଯାଇଛି । ଏହି ବାଣିଜ୍ୟିକ ଜାହାଜ ଗୁଡ଼ିକର ଚଳାଚଳ ଇସଲାମିକ ଗଣରାଜ୍ୟର ବନ୍ଦର ଓ ସାମୁଦ୍ରିକ ସଙ୍ଗଠନ ଦ୍ୱାରା ପୂର୍ବରୁ ଘୋଷିତ ମାର୍ଗରେ ହିଁ ହେବ । ଇରାନୀ ବୈଦେଶିକ ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହାର ସ୍ୱାଗତ କରିଛନ୍ତି । ସେ ସୋସିଆଲ ମିଡ଼ିଆ ସାଇଟ୍ ? ଟ୍ରୁଥ୍ ? ସୋସିଆଲରେ ଲେଖିଛନ୍ତି –ଇରାନ ସଂପ୍ରତି ହର୍ମୁଜକୁ ସଂପୂର୍ଣ୍ଣ ରୂପେ ଖୋଲିବାକୁ ଘୋଷଣା କରିଛି । ଏବେ ଏଠାରେ ଜାହାଜର ଯାତାୟାତ ପାଇଁ ଖୋଲି ଯାଇଛି । ଧନ୍ୟବାଦ , ଏହା ପରେ ଆଉ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି , ହର୍ମୁଜ ପ୍ରଣାଳୀ ଖୋଲି ଯାଇଛି ଏବଂ ବାଣିଜ୍ୟ କରିବାକୁ ପ୍ରସ୍ତୁତ । କିନ୍ତୁ ଆମେରିକୀୟ ବ୍ଲକେଡ୍ ? ସେପର୍ଯ୍ୟନ୍ତ ଜାରି ରହିବ , ଯେପର୍ଯ୍ୟନ୍ତ ଇରାନ ସହ ଶାନ୍ତି ଚୁକ୍ତି ନହୋଇଛି । ଆମକୁ ଆଶା ଯେ, ଏହା ଶୀଘ୍ର ହୋଇଯିବ । କାରଣ ଅଧିକାଂଶ ପ୍ରସଙ୍ଗ ଉପରେ କଥାବାର୍ତ୍ତା ହୋଇ ସାରିଛି । ଉଲ୍ଲେଖନୀୟ ଯେ, ଇରାନୀ ବୈଦେଶିକ ମନ୍ତ୍ରୀଙ୍କ ପକ୍ଷରୁ ଏହି ବିବୃତି ଏମିତି ସମୟରେ ଆସିଛି, ଯେବେ ଇରାନ ଓ ଆମେରିକା ପୁଣି ଥରେ କଥାବାର୍ତ୍ତାର ଟେବଲକୁ ଆସିବା ନଜର ଆସୁଛି ।

ସୋନପୁରରୁ ଲମ୍ବିଛି ନକଲି ଟଙ୍କାର ଅସଲି ନେଟୱର୍କ

ସୋନପୁର, ୧୭/୪ (ଆ.ପ୍ର) : ସୋନପୁର ପାଲଟିଛି କି ନକଲି ନୋଟ୍‌ର ଭଣ୍ଡାର ? ତା ଚେର ଛତିଶଗଡ଼ରୁ ଯାଜପୁର ଦେଇ ଭାୟା ସୋନପୁରକୁ ଲମ୍ବିଛି । ଯାହାର ଠୋସ୍ ପ୍ରମାଣ ପାଇଛି ପୋଲିସ୍ । ତେବେ କେମିତି କାମ କରେ ଏ କଳା ଧନ୍ଦା ? ଦେଖିବା ଓଟିଭିର ସ୍ପେଶାଲ ରିପୋର୍ଟ- ନକଲି ଟଙ୍କାର ଅସଲି ନେଟୱର୍କ । ସୋନପୁର ସହର ଭିତରେ ବୁଲୁଥିଲ କଳା ମଟମଟ ଏକ ସ୍କୋର୍ପିଓ ଗାଡ଼ି । ଯାହାର ଗତିବିଧି ଉପରେ ସନ୍ଦେହ କରିଥିଲା ସୋନପୁର ପୋଲିସର ଗୁଇନ୍ଦା ଟିମ୍ । ସିଧା ଏସପିଙ୍କ ନିର୍ଦ୍ଦେଶକ୍ରମେ, ବ୍ଲକ ଛକରେ ଉକ୍ତ ଗାଡ଼ିକୁ ଅଟକାଇ ଯାଂଚବେଳେ ଜଣାପଡିଗଲା ସେ କଳା ଗାଡିର କଳା କାରନାମା । ବାହାରିଲା ୧୬୯୫ ଖଂଟ ପାଂଚ ଶହ ଟଙ୍କିଆ ନକଲି ନୋଟ । ଯାହାର ପରିମାଣ ଥିଲା ୮ ଲକ୍ଷ ୪୭ ହଜାର ୫ଶହ ଟଙ୍କା । ଗାଡିରେ ଥିବା ଦୁଇଜଣଙ୍କୁ ଗିରଫ କଲା ପୋଲିସ । ସେମାନେ ହେଲେ ନୟାଗଡ ଜିଲ୍ଲାର ପ୍ରଶାନ୍ତ ଦାସ ଓ ଯାଜପୁର ଅଂଚଳର ପୁରୁଷୋତମ ଶତପଥୀ । ବିଡ଼ା ବିଡ଼ା ନକଲି ନୋଟ୍ କୁ ଦେଖି, ପୋଲିସର ହୋସ୍ ଉଡ଼ିଗଲା । କାରଣ କୌଣସି ଗୁଣରେ ଅସଲିଠାରୁ ଏସବୁ କମ୍ ନଥିଲା । ଏତେ ପରିମାଣର ନକଲି ଟଙ୍କା ଜବତ ପରେ, ତତ୍ପର ହୋଇଥିଲା ସୋନପୁର ପୋଲିସ । ଗିରଫ ଦୁଇ ଅଭିଯୁକ୍ତଙ୍କ ପାଖରୁ ତଥ୍ୟ ସଂଗ୍ରହ କରି, ଆରମ୍ଭ ହେଲା ଖୋଳତାଡ଼ । ଚେର କେଉଁଠୁ ଯାଇ, କେଉଁଠିକୁ ଲମ୍ବିଛି ? କିଏ ସପ୍ଲାଏର ଆଉ କିଏ ଡିଷ୍ଟ୍ରିବ୍ୟୁଟର ? ପୁରା ସିଷ୍ଟମରେ କିଏ କରୁଛି ଦଲାଲି ? ଗିରଫ ଦୁଇଜଣଙ୍କୁ, ଛତିଶଗଡ଼ର ଜଣେ ସପ୍ଲାଏର ସହିତ ଯୋଗାଯୋଗ କରାଇଥିଲା । ବରଗଡ଼ ଜିଲ୍ଲା ପଦ୍ମପୁର ଅଂଚଳ ଦେଉଳୀ ଗାଁର କୁଳମଣୀ ବିଶ୍ୱାଳ । କୁଳମଣୀକୁ ଚି ବାନ୍ଧି ସୋନପୁର ପୋଲିସକୁ ହସ୍ତାନ୍ତର କରିଛି ପଦ୍ମପୁର ପୋଲିସ । ଏବେ କୁଳମଣିକୁ ଚାଲିଛି ଘଂଟାଚକଟା ।

ଏକାଠି ହେଲେ ବିଜୁ ଅନୁଗତ, ଗଢିଲେ ନାଗରିକ ମଂଚ

ଭୁବନେଶ୍ୱର, ୧୭/୪ (ଆ.ପ୍ର) : ଏକାଠି ହେଲେ ବିଜୁ ଅନୁଗତ । ଗଢିଲେ ନାଗରିକ ମଂଚ । ଛିଡୁଛି ବିଜେଡି, ଶକ୍ତିଶାଳୀ ହେବ ନାଗରିକ ମଂଚ । ବିଜୁ ତିରୋଧାନ ଦିବସରେ ବିଜୁ ଲିଗାସୀକୁ ନେଇ ତତ ହଲ୍ ଚଲ୍ । ବରିଷ୍ଠ ନେତାଙ୍କ ମେଳି ବିଜେଡି ପାଇଁ ହେବ କି କାଳ । ଭୁବନେଶ୍ୱରରେ ଆୟୋଜିତ ନାଗରିକ ମଂଚ ସମାବେଶରେ ବିଜୁଙ୍କ ସମ୍ପତିକୁ କିପରି ଟ୍ରଷ୍ଟ ମାଧ୍ୟମରେ ଅକ୍ତିଆର କରିବାକୁ ଚେଷ୍ଟା କରାଯାଉଛି ତାକୁ ମୁଖ୍ୟ ପ୍ରସଙ୍ଗ କରାଯାଇଛି । ସେପଟେ ଖୋଦ୍ ନବୀନ ନାଁ ନନେଇ ଏସବୁ ନେତାଙ୍କୁ ବିଶ୍ୱାସଘାତକ କହିଛନ୍ତି । ତେବେ ଜବାବ ରଖି ବିଜୟ ମହାପାତ୍ର କହିଛନ୍ତି, ଆଗ ନବୀନ ନିଜ ମୁହଁକୁ ଆଇନାରେ ଦେଖନ୍ତୁ । ଆତ୍ମପ୍ରକାଶ କଲା ଓଡିଶା ନାଗରିକ ମଂଚ । ବିଜୁ ଜନତା ଦଳକୁ ଟକ୍କର ଦେବ ବିଜୁ ଲିଗାସୀ । ପଡିଲା ମୁଳଦୁଆ । ରାଜନୈତିକ ଦଳ ଭାବେ ରୂପାନ୍ତରିତ ହୋଇପାରେ ମଂଚ । ମିଳିଲା ଆଭାସ, ଫାଟିବ ବିଜେଡି । ବିଜୁବାବୁଙ୍କ ତିରୋଧାନ ଦିବସରେ ଭୁବନେଶ୍ୱର ଓୟୁଏଟି ସମ୍ମିଳନୀ କକ୍ଷରେ ଆଜି ଓଡିଶା ନାଗରିକ ମଂଚ ବିଶାଳ ସମାବେଶର ଆୟୋଜନ କରିଛି । ବରିଷ୍ଠ ନେତା ବିଜୟ ମହାପାତ୍ର ଅଗ୍ନିବର୍ଷୀ ଭାଷଣ ଦେଇ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ କଟାକ୍ଷ କରିବା ସହିତ ପାଣ୍ଡିଆନଙ୍କୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି । କହିଛନ୍ତି, ବିଜୁ ବାବୁଙ୍କ ଦିଲ୍ଲୀ ବାସଭବନ ଓ ନବୀନ ନିବାସ ଜାତୀୟ ସମ୍ପତି । ଆଉ ଏହାକୁ ଜଣେ ଅଣଓଡିଆ ଟ୍ରଷ୍ଟ ନାଁରେ ଅକ୍ତିଆର ପାଇଁ କରୁଥିବା ଚେଷ୍ଟାକୁ ଆମେ ଚୁପ୍ ହୋଇ ଗ୍ରହଣ କରିପାରିବା ନାହିଁ । ଦିଲ୍ଲୀପ ରାୟ ମଧ୍ୟ ନିଜ ଭାଷଣରେ ବିଜୁଙ୍କ ବାବଦରେ ଜାଣି ନଥିବା ଲୋକେ କିପରି ବିଜୁ ଲିଗାସୀ କଥା କହୁଛନ୍ତି ତାକୁ ଉଦ୍ଦେଶ୍ୟ କରି କହିଛନ୍ତି ।

ରାଇକିଆ କଂଗ୍ରେସ ସମ୍ମିଳନୀରେ ଧସ୍ତାଧସ୍ତି

ରାଇକିଆ, ୧୭/୪ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ମଣ୍ଡାକିଆ ଗ୍ରାମ ପଞ୍ଚାୟତର କଲୋନୀ ସାହି ପ୍ରଧାନ ଦ୍ଵାରା ଠାରେ । ବ୍ଲକ କଂଗ୍ରେସ କମିଟି ତୋରାଫରୁ ଘୁ. ଉଦୟଗିରି ନିର୍ବାଚନ ମଣ୍ଡଳୀ ସଂରକ୍ଷିତ ଆଦିବାସୀ ଜୁନ ନମ୍ବର -୮୩ ତରଫରୁ ଏକ ବିଶାଳ ମିଟିଟିଙ୍ଗ ଆୟୋଜନ କରାଯାଇଥିଲା, ସେହି ମିଟିଟିଙ୍ଗ ରେ । ଶ୍ରୀଯୁକ୍ତ -ପ୍ରଫୁଲ ଚନ୍ଦ୍ର ପ୍ରଧାନ ଘୁ.ଉଦୟଗିରି ଏବଂ ଶ୍ରୀଯୁକ୍ତ -ଚନ୍ଦ୍ରଶେଖର ପରିଡ଼ା ଜିଲ୍ଲାସଭାପତି କଂଗ୍ରେସ କମିଟି ମଧ୍ୟ ଯୋଗଦାନ କରିଥିଲେ । ସେହି ମିଟିଙ୍ଗ ପ୍ରାରମ୍ଭରେ ରାଇକିଆ ଅଂଚଳର ଆଗ ଧାଡ଼ିର କର୍ମୀ ଓ ନେତା ମାନଙ୍କ ଟଣାଓଟରା ଦେଖିବାକୁ ମିଳିଛି. ଏବଂ ଶେଷରେ ରାଇକିଆ ଥାନା ଭାରପ୍ରାପ୍ତ ଅଧିକାରିଣୀ ମାଡାମ ଆସି ଉପସ୍ଥିତ ଥିବା ଦୁଇ ଗୋଷ୍ଠୀ ଲୋକମାନଙ୍କୁ ବୁଝା ସୁଝା କରିଥିଲେ । ଏବଂ ଦୁଇ ଦଳଙ୍କୁ ଥାନାକୁ ନେଇ ବୁଝାସୁଝା କରି ଛାଡ଼ି ଥିଲେ । ଘୁ. ଉଦୟଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ପ୍ରୋଫୁଲ ଚନ୍ଦ୍ର ପ୍ରଧାନଙ୍କୁ ରାଇକିଆ ଅଂଚଳର କଂଗ୍ରେସ କର୍ମୀ ମାନେ ଯେତେବେଳ ପ୍ରଶ୍ନ ପଚାରିଲେ । ବିଧାୟକ ମହୋଦୟଙ୍କ ଗଟିଏ ଉତର ଥିଲା । ଚନ୍ଦ୍ରଶେଖର ପରିଡ଼ା ଆସିଲେ ସଠିକ ଉତର ପାଇବେ ବୋଲି ବିଧାୟକ କହିଥିଲି । ଏଭଳି ଘଟଣାକୁ ଦେଖି ବିରୋଧୀଙ୍କ ମୁହଁରୁ ହସ ଫୁଟିଛି ବୋଲି ଚା ଖଟି ମାନଙ୍କରେ ଚୋର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି ।

ଗଜପତି ଜିଲ୍ଲା ପରିଷଦର ୫୪ତମ ବୈଠକ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୭/୪ (ଆ.ପ୍ର) : ଗଜପତି ଜିଲ୍ଲା ପରିଷଦ ୫୪ତମ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଗବାଗ ତିରୁପତି ରାଓଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ କୁନ୍ତଳା ମଲ୍ଲିକ୍, ମାନ୍ୟବର ବିଧାୟକ ମୋହନା ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ , ବ୍ରହ୍ମପୁର ସାଂସଦ ପ୍ରତିନିଧି ଶ୍ରୀ ନବ କିଶୋର ଶବର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଦୟାମୟ ପାଢ଼ୀ ପ୍ରମୁଖ ମଂଚାସୀନ ଥିବା ବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦର ସଭ୍ୟାସଭ୍ୟା, ବ୍ଲକ୍ ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସ୍ଵାଗତ ଭାଷଣ ପୂର୍ବକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଦୟାମୟ ପାଢ଼ୀ ସମସ୍ତ ଜିଲ୍ଲାପରିଷଦ ସଭ୍ୟାସଭ୍ୟା ମାନଙ୍କୁ ସ୍ଵାଗତ ଜଣାଇ ଥିଲେ । ମଂଚାସିନ ସମସ୍ତ ଅତିଥି କହିଥିଲେ ଯେ ଗଜପତି ଜିଲ୍ଲାର ଯେଉଁ ଲକ୍ଷ୍ୟ ରହିଛି ତାହା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି ଏବଂ ଆଗକୁ ମଧ୍ୟ ସଫଳତାର ସହିତ କାର୍ଯ୍ୟକାରୀ ଚାଲୁରହିବ ବୋଲି କହିଥିଲେ । ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ବିଭାଗ ତଥା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ କୋଠାବାଡ଼ି, କୃଷି ଓ କୃଷକ ସଶକ୍ତି କରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବେସାମରିକ ଯୋଗାଣ ଓ ଖାଦ୍ୟ ପ୍ରକ୍ରିୟା କରଣ, ଜଳ ସେଚନ ପ୍ରକଳ୍ପ, ମେଗା ଜଳସେଚନ, କ୍ଷୁଦ୍ର ଜଳସେଚନ, ଛେଳିଗଡ ପ୍ରକଳ୍ପ, ଉଦ୍ୟାନ, ଜଳ ଛାୟା, ପଶୁ ସମ୍ପଦ , ମତ୍ସ୍ୟ ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସଂସ୍ଥା, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମାଜ କଲ୍ୟାଣ ଓ ଶିଶୁ କଲ୍ୟାଣ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜଙ୍ଗଲ ଓ ପରିବେଶ, ଶ୍ରମ ଓ ନିଯୁକ୍ତି, ଅବକାରୀ, ପରିବହନ, ବିଦ୍ୟୁତ, ଗ୍ରାମ୍ୟ ସାମାଜିକ ନିରାପତା, କ୍ଷୁଦ୍ର ଉଦ୍ୟୋଗ ପ୍ରକ୍ରିୟା କରଣ, ପାନୀୟ ଜଳ ଓ ପରିମଳ ପ୍ରଭୃତି ବିଷୟକୁ ନେଇ ସମସ୍ତ ଜିଲ୍ଲାପରିଷଦ ସଭ୍ୟାସଭ୍ୟା, ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା ଓ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ପାଇଁ ଜିଲ୍ଲା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ଏହି ବୈଠକରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ବାସୁଦେବପୁରରେ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳନ

ବାସୁଦେବପୁର, ୧୭/୪ (ଆ.ପ୍ର) : କଳିଙ୍ଗର ଗର୍ବ ଓ ଆଧୁନିକ ଓଡ଼ିଶାର ନିର୍ମାତା ବୀର ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ବାସୁଦେବପୁରରେ ବିଜେଡି ପକ୍ଷରୁ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି । ଆଜି ବାସୁଦେବପୁର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ତାଙ୍କ ନୀତି, ଆଦର୍ଶ ଓ ରାଷ୍ଟ୍ର ଉନ୍ନତି ପ୍ରତି ତାଙ୍କ ଦୃଢ଼ ଭାବନା ବିଷୟରେ ଅଲୋଚନା କରାଯାଇଥିଲା ।ଏହି ଅବସରରେ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ତାଙ୍କ ଅଭିଭାଷଣରେ ବିଜୁ ବାବୁଙ୍କ ଦୂରଦୃଷ୍ଟି ଓ ସମାଜ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଥିଲେ । ସେହିପରି ଜାତିର ପିତା ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।ତାସହିତ ବାଲାଜୀ ସେବା ଟ୍ରଷ୍ଟରେ ଥିବା ବୃଦ୍ଧ ଲୋକମାନଙ୍କୁ ଫଳ ଓ ବିସ୍କୁଟ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାସୁଦେବ ପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ସଭାପତି ଶ୍ରୀଯୁକ୍ତ ଦୀନବନ୍ଧୁ ଦାସଙ୍କ ସମେତ ବିଭିନ୍ନ ଗ୍ରାମ ପଂଚାୟତର ସରପଂଚ, ସମିତି ସଦସ୍ୟ, ପୌରପାଳିକାର ପାରିଷଦ ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

ମାଟ୍ରିକ ସିବିଏସସି ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଅଂଶୁମାନ

ଛତିଆ, ୧୭/୪ (ଆ.ପ୍ର) : ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଗ୍ରାମର ହିମାଂଶୁ ଶେଖର ଲେଙ୍କାଙ୍କ ପୁଅ ଅଂଶୁମାନ ଲେଙ୍କା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ କରି ସ୍ଥାନୀୟ ଅଂଚଳରେ ଗୌରବ ଆଣିଛନ୍ତି । ଗତ ୧୫ ତାରିଖରେ ପ୍ରକାଶିତ ସି.ବି.ଏସ.ସି ଫଳାଫଳରେ ଅଂଶୁମାନ ଶତକଡା ୯୧.୨୦ ପ୍ରତିଶତ ନମ୍ବର ଓ ଏ- ୱାନ ଗ୍ରାନ ରହି ସୁନାମ ଅର୍ଜନ କରି ସର୍ବୋଚ୍ଚ ସଫଳତା ହାସଲ କରିଛନ୍ତି ଏବଂ ସେହି ବିଦ୍ୟାଳୟର ପ୍ରଥମ ଦଶଜଣଙ୍କ ମଧ୍ୟରେ ମଧ୍ୟ ନିଜ ସ୍ଥାନକୁ ବଜାୟ ରଖିଛନ୍ତି । ଅଂଶୁମାନ ବଡ଼ଚଣାର ଦର୍ପଣୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ହୋଇଥିବା ବେଳେ, ତାଙ୍କର ଏହି ଉପଲବ୍ଧି ପାଇଁ ଶିକ୍ଷକମାନେ, ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ନିୟମିତ ୧୨ ଘଂଟାର ପାଠାଭ୍ୟାସ, ଶ୍ରମ ଓ ଦୃଢ଼ ସଂକଳ୍ପ ଏହି ସଫଳତାର ମୂଳ କାରଣ ବୋଲି କୁହାଯାଉଛି । ଅଂଶୁମାନ ତାଙ୍କ ସଫଳତାର ଶ୍ରେୟ ତାଙ୍କ ଟିଉସନ୍ ଶିକ୍ଷକ ଓ ତାଙ୍କ ମାଆ ଅନୁସାମିନୁ ଜେନାଙ୍କୁ ଦେଇଛନ୍ତି । ଏହି ସଫଳତା ଦ୍ଵାରା ଅଂଶୁମାନ ତାଙ୍କ ପରିବାର ସହ ଅଂଚଳର ନାମ ଉଜ୍ଜ୍ୱଳ କରିଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି ।

ପାନାବେଡ଼ା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ପ୍ରଦାନର ଉଦଯାପନୀ ଦିବସ ପାଳନ

ଚନ୍ଦାହାଣ୍ଡି, ୧୭/୪ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାନାବେଡ଼ା ମହାବିଦ୍ୟାଳୟ ଚନ୍ଦାହାଣ୍ଡି ଠାରେ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ସଂପର୍କିତ ଏକ ତାଲିମ ପ୍ରଦାନ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପାନାବେଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଦ୍ୱାରିକାନାଥ ବାଗଙ୍କ ନେତୃତ୍ୱରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପୀତାମ୍ବର ସୋରୀ ମଂଚାସୀନ ହୋଇଥିବା ବେଳେ ମୁଖ୍ୟବକ୍ତା ଭାବେ ଇଂରାଜୀ ଅଧ୍ୟାପକ ଚତୁର୍ଭୁଜ ମେହେର, ସମ୍ମାନିତ ଅତିଥି ରୂପେ ଓଡ଼ିଆ ଅଧ୍ୟାପିକା ଦୁର୍ମିଳା ବାଘ, ଅର୍ଥନୀତି ଅଧ୍ୟାପିକା ଗିତାରାଣୀ ବାଘ, ବରିଷ୍ଠ କିରାଣୀ ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ମଂଚାସୀନ ହୋଇଥିଲେ । ଉକ୍ତ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ ଗତ ୮ ତାରିଖ ରୁ ପ୍ରାରମ୍ଭ ହୋଇ ଚଳିତ ୧୫ ତାରିଖ ଦିନ ପର୍ଯ୍ୟନ୍ତ ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିଥିଲା । ଉକ୍ତ ଆତ୍ମସୁରକ୍ଷା ତାଲିମ୍ ପ୍ରଦାନରେ ତାଲିମ୍ ଦାତ୍ରୀ ସଂଯୁକ୍ତା ସାନ୍ତା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଆତ୍ମସୁରକ୍ଷା ପାଇଁ କିଭଳି ନିଜକୁ ଗଢ଼ି ତୋଳିବେ ଏବଂ ନିଜର ଆତ୍ମ ସୁରକ୍ଷା କରି ପାରିବେ ଏଥି ନେଇ ପ୍ରତ୍ୟେକ ଛାତ୍ରୀ ଏହି ଆତ୍ମ ସୁରକ୍ଷାର ଉପାୟ ଶିକ୍ଷା ଲାଭରେ ବହୁ ସଂଖ୍ୟାରେ ଭାଗନେଇଥିବା ଦେଖିବାକୁ ମିଳିଥିଲା । ବର୍ତ୍ତମାନ ଦେଶରେ ବହୁ ଅସାମାଜିକଙ୍କ କୁକର୍ମକୁ ଦୃଷ୍ଟିରେ ରଖି ସେମାନଙ୍କ ଦାଉରୁ ରକ୍ଷା ପାଇବା ଓ ଜୀବନ ରକ୍ଷା କରିବା ସହ ନିଜକୁ ସୁରକ୍ଷିତ ରଖିବା ପାଇଁ ବର୍ତ୍ତମାନର ସମୟରେ ନିହାତି ଆତ୍ମ ସୁରକ୍ଷା ଭଳି ଏକ ଜୀବନ ଜିବିକା ଭିତରେ ବଂଚି ସୁରକ୍ଷିତ ରହିବାର ଉପାୟ ବିଶେଷକରି ଝିଅ, ମା ଭଉଣୀ ସମସ୍ତଙ୍କୁ ଏହାର ଆବଶ୍ୟକତା ରହିଛି । ଏଥିନିମନ୍ତେ ମହାବିଦ୍ୟାଳୟ ସ୍ତରରେ ଝିଅ ମାନଙ୍କୁ ସେମାନଙ୍କର ନିଜର ଆତ୍ମ ସୁରକ୍ଷା ପାଇଁ କିଛି ଶିଖିବାର ଆବଶ୍ୟକତା ରହିଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଦ୍ୱାରିକାନାଥ ବାଗ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଇଂରାଜୀ ଅଧ୍ୟାପକଚତୁର୍ଭୁଜ ମେହେର, ଝିଅମାନେ ନିଜକୁ କିଭଳି ସୁରକ୍ଷିତ ରଖିବେ ଓ ପ୍ରତିପକ୍ଷଙ୍କୁ ମୁକାବିଲା କରିବା ସହ ତାଙ୍କୁ କାବୁ କରି ନିଜର ସୁରକ୍ଷା ପାଇଁ ଦାମ୍ଭିକତା ସହିତ ମୁକାବିଲା କରିବେ ସେ ନେଇ ନିଜର ବକ୍ତବ୍ୟ ରଖିଥିଲେ । ସେହିଭଳି ମୁଖ୍ୟ ଅତିଥି ସମାଜସେବୀ ପୀତାମ୍ବର ସୋରୀ ପୁରୁଷ କୈନ୍ଦ୍ରିକ ସମାଜରେ ସ୍ତ୍ରୀଲୋକମାନେ ସହ ବଂଚିବା ସହିତ ବର୍ତ୍ତମାନର ପରିସ୍ଥିତିରେ ଅସାମାଜିକଙ୍କ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଦାନ କରାଯାଇଥିବା ଆତ୍ମସୁରକ୍ଷା ତାଲିମ୍‌ର ଉପଯୋଗ ଦରକାର ପଡ଼ିଲେ ପ୍ରୟୋଗ କରି ନିଜକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିବା ପାଇଁ ଧୈର୍ଯ୍ୟର ସହ ମୁକାବିଲା କରିବା ପାଇଁ ଉଦ୍ବେଗ କରିବାକୁ ଅଗ୍ରସର ହେବେ ଓ ବିଦ୍ୟା ଅଧ୍ୟୟନରେ ଧ୍ୟାନ ଦେବା ସହିତ ଗୁରୁ ଶିଷ୍ୟ ର ପରମ୍ପରା କୁ ବଜାୟ ରଖିବା ଏବଂ ସମାଜରେ ଜଣେ ପ୍ରତିଷ୍ଠିତ ନାରୀ ରୂପେ ନିଜକୁ ନିର୍ମାଣ ପାଇଁ ନିଜକୁ ପ୍ରସ୍ତୁତ କରିବା ସହ ନାରୀ ସୁରକ୍ଷା ଓ ଦେଶର ବିଭିନ୍ନ ସ୍ଥାନରେ ମହିଳା ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଅପରାଧ, ତତ୍ ସହିତ ଆତ୍ମ ସୁରକ୍ଷା ସଂପର୍କିତ ତାଲିମ୍ ର ପ୍ରୟୋଗ ରେ ନିଜକୁ ବଂଚାଇବା ଓ ଦେଶର ପ୍ରଚଳିତ ଆଇନ ନରୀ ମାନଙ୍କୁ ଦେଉଥିବା ସୁରକ୍ଷା ସମ୍ବନ୍ଧରେ ବିସ୍ତାର ଭାବେ ଆଲୋକପାତ କରିଥିଲେ । ସବାଶେଷରେ ଆତ୍ମ ସୁରକ୍ଷା ତାଲିମ୍ ରେ ଭାଗ ନେଇଥିବା ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ମାନ ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟ କର୍ମଚାରୀ ସେମନଲାଲ ସାହୁ , କମଳ ଲୋଚନ ବାଘ, ରାଜେନ୍ଦ୍ର ସୁନାନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ସିବିଏସ୍‌ଇ ଦଶମ ପରୀକ୍ଷାରେ ଗଜପତି ଛାତ୍ରଛାତ୍ରୀଙ୍କ କୃତିତ୍ୱ

ପାରଳାଖେମୁଣ୍ଡି, ୧୭/୪ (ଆ.ପ୍ର) : ନିକଟରେ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ସେଂଚୁରିୟାନ୍ ପବ୍ଲିକ ସ୍କୁଲର ଛାତ୍ରୀ କ୍ରିଷ୍ଣା କୁମାରୀ ରାଉତ ୯୭.୨ , କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ରୁଦ୍ର ପ୍ରତାପ ପଣ୍ଡା ୯୫.୨୦ ଏବଂ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀ ରୋଜମେରୀ ଗଣନାୟକ ୯୫.୨ ସର୍ବୋଚ୍ଚ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି । ଏହାଛଡା ସେଂଚୁରୀୟାନ୍ ପବ୍ଲିକ ସ୍କୁଲର ସର୍ବମୋଟ ୧୭୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ ଜଣ ଛାତ୍ରଛାତ୍ରୀ ୯୦ରୁ ଅଧିକ, ୮୦ ରୁ ୯୦ ମଧ୍ୟରେ ୧୬ ଜଣ ଏବଂ ୬୦ ରୁ ୮୦ ମଧ୍ୟରେ ୯୩ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି କେନ୍ଦ୍ରୀୟ ବିଦ୍ୟାଳୟରେ ୬୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୦ଜଣ ପାସ୍ କରିଛନ୍ତି । ତନ୍ମଧ୍ୟରୁ ୯୦ରୁ ଉର୍ଦ୍ଧ୍ୱ ମାର୍କ ରଖି ୭ ଜଣ ପାସ୍ କରିଛନ୍ତି । ସେହିପରି ଜବାହର ନବୋଦୟ ବିଦ୍ୟାଳୟରୁ ସମସ୍ତ ୮୩ ଜଣ ପାସ୍ କରିଛନ୍ତି । ସେଥିରୁ ୮୦ ଉର୍ଦ୍ଧ୍ୱ ମାର୍କ ରଖି ୨୧ ଜଣ ପାସ୍ କରିଛନ୍ତି । ସେମାନଙ୍କର କୃତିତ୍ୱ ପାଇଁ ଉପରୋକ୍ତ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

ଦଶପଲ୍ଲା ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ହେବ ଶୌଚାଳୟ ବ୍ୟବସ୍ଥା

ଦଶପଲ୍ଲା, ୧୭/୪ (ଆ.ପ୍ର) :ଦଶପଲ୍ଲା ରେଳ ଷ୍ଟେସନରେ ଶୌଚାଳୟ ସୁବିଧା ଅଭାବରୁ ଯାତ୍ରୀମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଆଜି ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରେଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ରେଳବାଇ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗକୁ ବିଧିବଦ୍ଧ ଭାବେ ବିଚାର ପାଇଁ ଗ୍ରହଣ କରିଛନ୍ତି । ଏଥି ନେଇ ଖୋର୍ଦ୍ଧା ରୋଡ୍ ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ୍) ଟୁଇଟ୍ ଯୋଗେ ଅବଗତ କରିଛନ୍ତି । ରେଳ ଷ୍ଟେସନରେ ଶୌଚାଳୟ ନିର୍ମାଣ ପ୍ରସଙ୍ଗକୁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିକଟକୁ ବିଚାର ପାଇଁ ପଠାଯାଇଥିବା ସେ ସୂଚନା ପ୍ରଦାନ କରିଛନ୍ତି ।

ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ରଣିଆ, ୧୭/୪ (ଆ.ପ୍ର) : ରଣିଆ ବ୍ଲକ ଜଗନ୍ନାଥ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ରଣିଆ ବ୍ଲକ ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଆରସିସି ବିନୋଦିନୀ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ନିରୁପମା ମହାପାତ୍ର, ପ୍ରଧାନଶିକ୍ଷକ ସୁରେଶ କୁମାର ସାହୁ, ପରିଚାଳନା କମିଟିର ସଭାପତି ରାଜକିଶୋର ସାହୁ, ସିଆରସିସି ପ୍ରସନ୍ନ କୁମାର ନାୟକ, ପରିଚାଳନା କମିଟି ସଦସ୍ୟ ରଞ୍ଜନ କୁମାର ପ୍ରଧାନ,ମାନସ କୁମାର ଦାଶ ପ୍ରମୁଖ ମଂଚାସୀନ ଥିଲେ । ମହାପ୍ରଭୁଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ଛାତ୍ରୀ ମାନେ ସବୁବେଳେ ଶିକ୍ଷା ସହିତ ଖେଳକୁଦ,ନାଚଗୀତ ଆଦିରେ ମନୋନିବେଶ କଲେ ଜଣେ ଉତମ ଛାତ୍ର ହୋଇପାରିବେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ଭଲ ପାଠପଢି ଅଂଚଳର ନାଁ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ଵାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ କେଶବ ନାୟକ ମଂଚ ପରିଚାଳନା କରିଥିଲେ ।

ନଛିପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦଶପଲ୍ଲା, ୧୭/୪ (ଆ.ପ୍ର) : ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ନଛିପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜିବନୀ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ (ଏଡିଇଓ) ବନଲତା ବେହେରା ଓ ସନ୍ଧ୍ୟାରାଣୀ ରାଉତ, ଦଶପଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଭକ୍ତି ବିନୋଦ ଶଇ, ସାହିତ୍ୟିକ ହାଡ଼ିବନ୍ଧୁ ମହାଖୁଡ଼, କଇଁଆଡ଼ିହ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର, ଏସଏମସି ସଭାପତି ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ । ଅତିଥିମାନେ ନିଜ ଅଭିଭାଷଣରେ ଶିକ୍ଷାର ମାନସିକ ଓ ବୌଦ୍ଧିକ ବିକାଶ ସହ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସ୍କାଉଟ୍ ଆଣ୍ଡ ଗାଇଡ୍‌ର ଛାତ୍ରଛାତ୍ରୀମାନେ ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ ।

ଗଜପତିରେ ‘ନାରୀ ଶକ୍ତି ବନ୍ଦନା’ କାର୍ଯ୍ୟକ୍ରମ : ୩୦୦ରୁ ଅଧିକ ମହିଳା ଏସଏଚଜି ସଦସ୍ୟାଙ୍କ ବିଶାଳ ସଚେତନତା ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୧୭/୪ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଂଚଳରେ ‘ନାରୀ ଶକ୍ତି ବନ୍ଦନା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୩୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଛନ୍ତି । ଆଜି ଅପରାହ୍ନ ୦୪:୦୦ ଘଟିକା ସମୟରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ନିକଟସ୍ଥ ଛକଠାରୁ ଏକ ବିଶାଳ ସଚେତନତା ରାଲି ବାହାରିଥିଲା । ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ହାତରେ ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ମହିଳାମାନେ ସମାଜରେ ସ୍ୱାସ୍ଥ୍ୟ ଓ ସ୍ୱାଧୀନତାର ବାର୍ତ୍ତା ପ୍ରସାର କରିଥିଲେ । ପରବର୍ତ୍ତୀ ସମୟରେ ଆଇ ଏସ ଇ ଟି ଆଇ ଅଡିଟୋରିୟମରେ ଏକ ସ୍ୱତନ୍ତ୍ର ସଚେତନତା ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦୟାମୟ ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ମହିଳାଙ୍କ ଜୀବନଶୈଳୀରେ ସ୍ୱାସ୍ଥ୍ୟ, ପୋଷଣ ଏବଂ ପରିମଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା କିପରି ସେମାନଙ୍କ ପରିବାରର ଜୀବିକାକୁ ପ୍ରଭାବିତ କରେ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହ ଏହି ‘ନାରୀ ଶକ୍ତି ବନ୍ଦନା’ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା । ବିଶେଷ କରି ମାତୃ ଗର୍ଭରୁ ଶେଷ ସମୟ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଯେଉଁ ସୁରକ୍ଷା ଚକ୍ର ପ୍ରସ୍ତୁତ କରିଛନ୍ତି, ତାର ସୁଫଳ ଯେପରି ପ୍ରତିଟି ମହିଳାଙ୍କ ପାଖରେ ପହଂଚିପାରିବ, ସେ ନେଇ ଏକ ବ୍ୟାପକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ସାମାଜିକ ସୁରକ୍ଷା ସହିତ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ହିଁ ଏହି ଅଭିଯାନର ମୂଳ ଅଭିପ୍ରାୟ ବୋଲି କହିଥିଲେ । ଆଲୋଚନା ଚକ୍ରରେ ମହିଳାମାନଙ୍କ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ , ସଠିକ୍ ପୋଷଣ ଏବଂ ପରିମଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସ୍ୱଚ୍ଛତା ଓ ଉତମ ସ୍ୱାସ୍ଥ୍ୟ କିପରି ଜଣେ ମହିଳାର ଆତ୍ମବିଶ୍ୱାସ ବଢ଼ାଇବା ସହ ତାଙ୍କ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ , ସେ ସମ୍ପର୍କରେ ବିଶେଷଜ୍ଞମାନେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପଗ ଡଖଗ ମିଶନ ଶକ୍ତି ଶ୍ରୀ ଡିମନ୍ ବାରା ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ , କିଶୋର ନ୍ୟାୟ ବୋର୍ଡ ଅଧିକାରୀ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ନାୟକ , ମହିଳା ଓ ଶିଶୁ ବିକାଶ ସୁରକ୍ଷା ଅଧିକାରୀ ଶ୍ରୀମତୀ ସାବଜା ପାତ୍ର ଏବଂ କାର୍ଯ୍ୟକାରୀ ଅଧିକାରୀ ଶ୍ରୀମତୀ ସ୍ନିଗ୍ଧାରାଣି ଭୂୟାଁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ ।

ସିଏଥ଼ୋ ଆରମ୍ଭ
SEITHO ARAMBHA

ଶନିବାର, ୧୮ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ମନ୍ଦାରସାହିରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ଭୋଗରାଇ, ୧୭/୦୪(ଆ.ପ୍ର) : ଭୋଗରାଇ ବ୍ଲକ ମନ୍ଦାରସାହି ପଂଚାୟତ ଅଧୀନ କିଟିଂ ପଡ଼ିଆରେ କଳିଙ୍ଗ ବୀର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସଭା ପ୍ରାରମ୍ଭରେ ବିଜୟା ନନ୍ଦ ପଟ୍ଟନାୟକ ତୈଳଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ । ତାପରେ ଶ୍ରଦ୍ଧାଞ୍ଜଳି ସଭାରେ ପଂଚାୟତର ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଂଚ ମମତା ସାହୁ, ପୂର୍ବତନ ସମିତି ସଦସ୍ୟ ନଳିନୀ ସେଠୀ, ନାଏବ ସରପଂଚ ସୁଦର୍ଶନ ଗିରି, ପୂର୍ବତନ ସରପଂଚ ସେଖ୍ ଅବଦୁଲ ମସଜିଦ, ଅବସରପ୍ରାପ୍ତ ଶିକ୍ଷକ ଅତୁଲ ଜେନା, ଦେବବ୍ରତ ଦାସ ମହାପାତ୍ର, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଗାୟନ, ଅଶୋକ ଦତ, ଭାସ୍କର ଚନ୍ଦ୍ର ଗିରି, ପୂର୍ବତନ ସମିତି ସଦସ୍ୟ ହରିପଦ ସାହୁ, ସମାଜସେବୀ ଜାମସେଦ ଅଲ୍ଲୀ ଖାନ , ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ଦିଲ୍ଲୀପ ଗିରି, ସପନ ଗାୟନ ପ୍ରମୁଖ ଉପସ୍ଥିତ ହୋଇ ବିଜୁ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଞ୍ଜୟ ପରାମାଣିକ, ସୁଧାଂଶୁ ଦାସ, ଅଦିତ୍ୟ ପରାମାଣିକ, ସଞ୍ଜୟ ଗିରି ସହ ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ ।

ଟିପିଏନଓଡ଼ିଏଲ ପକ୍ଷରୁ ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ପହଂଚାଇବା ନେଇ ପ୍ରସ୍ତୁତି ତ୍ୱରାନ୍ୱିତ

ବାଲେଶ୍ୱର, ୧୭/୪ (ଆ.ପ୍ର) : ପ୍ରଚଣ୍ଡ ଗ୍ରୀଷ୍ମ ହେଉ ଅବା କାଳବୈଶାଖୀ, ପ୍ରତିକୂଳ ସ୍ଥିତିରେ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛି ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ଓଡିଏଲ) । ସଂସ୍ଥା ପକ୍ଷରୁ ଗ୍ରୀଷ୍ମରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ଶିଖର ଚାହିଦାର ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି । ବିଗତ ବର୍ଷଗୁଡିକର ଧାରାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ବିଦ୍ୟୁତ ଶିଖର ଚାହିଦା ପ୍ରାୟତଃ ୧,୮୦୫ ମେଗାୱାଟ୍ ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଥିବେବେଳେ ଉପଭୋକ୍ତାଙ୍କୁ ଖରାଦିନେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନେଇ କମ୍ପାନୀ ପକ୍ଷରୁ ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ, ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର ଓ ବିଦ୍ୟୁତ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ତାହାର ସମୟୋଚିତ ସମାଧାନ କରିବା ପାଇଁ କମ୍ପାନି ପକ୍ଷରୁ ଇନଫ୍ରାରେଡ୍ କ୍ୟାମେରା, ଉପକରଣର ସ୍ୱାସ୍ଥ୍ୟ ସୂଚକାଙ୍କ ଯାଂଚ, ଡ୍ରୋନ୍ ଆଧାରିତ ଅଡିଟ୍, ଫଲ୍ଟ ପ୍ୟାସେଜ ଇଣ୍ଡିକେଟର ଓ ଅଲଟ୍ରାସାଉଣ୍ଡ ସ୍କାନିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଉଛି । ନିରବଚ୍ଛିନ୍ନ ପରିଚାଳନା ଓ ସମୟରେ ମରାମତିକୁ ନିଶ୍ଚିତ କରିବା ପାଇଁ ଟିପିଏନ୍ଓଡିଏଲ ଅଧିକାରୀଙ୍କ ସହ ୭୦୦୦ରୁ ଊର୍ଦ୍ଧ୍ୱ ସହକାରୀ ସଂସ୍ଥା କର୍ମଚାରୀ ବିଦ୍ୟୁତ ନେଟୱର୍କ ଓ ବିତରଣ

ଭିତିଭୂମିର ନିରୀକ୍ଷଣ ଜାରି ରଖିଥିବାବେଳେ ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ସଜାଗ ରହିଛନ୍ତି । ଏହା ସହିତ ବିଦ୍ୟୁତ୍ ବିଭ୍ରାଟ ହ୍ରାସ କରିବା ନେଇ ଟିପିଏନ୍ଓଡିଏଲ ଦ୍ୱାରା ବିଦ୍ୟୁତ୍ ନେଟୱର୍କରେ ବ୍ୟାପକ ରୂପାନ୍ତରଣ କାର୍ଯ୍ୟ ମଧ୍ୟ ଜାରି ରହିଛି । ଏ ଦିଗରେ ୯୧୩ଟି ୧୧ କେଭି ଓ ୧୧୩ଟି ୩୩ କେଭି ଫିଡରର ରକ୍ଷଣାବେକ୍ଷଣ, ଖୋଲା କଣ୍ଡକ୍ଟରଗୁଡିକୁ ଏବି କେବୁଲରେ ପରିବର୍ତ୍ତନ, ୧୩ ହଜାରରୁ ଅଧିକ ୬୩କେଭିଏ ଏବଂ ତଦୁର୍ଦ୍ଧ୍ୱ ବିତରଣ ଟ୍ରାନ୍ସଫର୍ମର ଓ ୫୬୭ ପାୱାର ଟ୍ରାନ୍ସଫର୍ମରର ନିର୍ଦ୍ଧାରିତ ରକ୍ଷଣାବେକ୍ଷଣ ପ୍ରମୁଖ ଅନ୍ତର୍ଭୁକ୍ତ ଅଟେ । ଜରୁରିକାଳୀନ ସ୍ଥିତି ପାଇଁ ଉପକରଣର ସ୍ୱତନ୍ତ୍ର ଭଣ୍ଡାର ପ୍ରତି ଡିଭିଜନ ସ୍ତରରେ ସ୍ଥାପନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଗ୍ରାଧିକାର ଭିତିରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା, ଜରୁରୀକାଳୀନ ସମୟରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ସମ୍ପର୍କ ସ୍ଥାପନର ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି । ଏହି ସମ୍ପର୍କରେ ଟିପିଏନଓଡ଼ିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ସଂସ୍ଥା ସର୍ବଦା ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିଆସିଛି ଓ ଏ ଦିଗରେ ଟିପିଏନଓଡ଼ିଏଲର ପ୍ରତିବଦ୍ଧତା ଏବଂ କାର୍ଯ୍ୟାନ୍ୱୟନ ଏକ ପ୍ରତିକ୍ରିୟାଶୀଳ ପଦକ୍ଷେପ ନୁହେଁ ବରଂ ଏକ ନିରନ୍ତର, ବର୍ଷ-ତମାମ ଉତ୍କର୍ଷ ପ୍ରୟାସ ଅଟେ । ସେ କହିଛନ୍ତି ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା, ସଶକ୍ତ ପରିଚାଳନା କାର୍ଯ୍ୟପନ୍ଥା ସହ ଆନୁଷଙ୍ଗିକ ଭିତିଭୂମିର ବିକାଶ ଉପର ଓଡିଶାରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇଦେବାରେ ସହାୟକ ହୋଇପାରିଛି । ଘରର ପ୍ରକୃତ ବିଜୁଳି ଚାହିଦା ତଥା ଆନୁଷଙ୍ଗିକ ବିଦ୍ୟୁତ ଉପକରଣକୁ ଭିତି କରି ସଂଯୁକ୍ତ ବିଦ୍ୟୁତ୍ ଲୋଡ୍ ବୃଦ୍ଧି କରିବା ସହ ବିଜୁଳିର ଅଯଥା ଅପଚୟକୁ ରୋକିବା ପାଇଁ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି ଓ ଗ୍ରୀଷ୍ମଋତୁରେ ବିଦ୍ୟୁତ ଚୋରୀ ଅସାମୟିକ ବିଦ୍ୟୁତ ବିଭ୍ରାଟ ତଥା ଅସ୍ଥିର ଭୋଲଟେଜର ଏକ ପ୍ରମୁଖ କାରଣ ହୋଇଥିବାରୁ ଏଥିରୁ ନିବୃତ ରହିବା ସହ ନିଜ ଅଂଚଳରେ ଏନେଇ ବିଶେଷ ଧ୍ୟାନ ଦେବା ପାଇଁ ମଧ୍ୟ ସଂସ୍ଥା ପକ୍ଷରୁ ଆଗ୍ରହ ପ୍ରକାଶ କରାଯାଇଛି ଓ ଏହା ସହିତ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ଅଥବା ଅଣକୁଶଳୀ କାରିଗରଙ୍କ ଦ୍ୱାରା ମରାମତି ନ କରି ଟିପିଏନଓଡ଼ିଏଲ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ଟିପିଏନଓଡ଼ିଏଲ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି ।

୨୧ରୁ ମହିଳାଙ୍କ ପାଇଁ ୧୧ ଗୋଟି ୱାର୍ଡ ସଂରକ୍ଷିତ

ସିମୁଳିଆ, ୧୭/୦୪(ଆ.ପ୍ର) : ନବ ଗଠିତ ସିମୁଳିଆ ବିଜ୍ଞାପିତ ଅଂଚଳ ପରିଷଦ ରେ ୨୧ ଟି ୱାର୍ଡ, ରହିଥିବା ବେଳେ ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ୧୧ ଗୋଟି ୱାର୍ଡ ସଂରକ୍ଷିତ ରଖା ଯାଇଥିବାର ବାଲେଶ୍ୱର ଜିଲ୍ଲା ପାଳ ଚୂଡାନ୍ତ ତାଲିକା ପ୍ରକାଶ କରିଛନ୍ତି । ନବ ଗଠିତ ସିମୁଳିଆ ବିଜ୍ଞାପିତ ଅଂଚଳ ପରିଷଦ ରେ ସମ୍ପୂର୍ଣ ମାର୍କୋଣା ଓ ବାଙ୍ଗରଖଡ଼ି ଗଡିଆ ପଂଚାୟତ, ସହିତ ଜାମୁଝାଡ଼ି ପଂଚାୟତର ଜାମୁଝାଡ଼ି, ଗୌଡ଼ପଡା, ଖଟନଗର, କୁପୁରା, ଅଙ୍କିଡିରା, ଗ୍ରାମ, ବାଉରି ପଦା ପଂଚାୟତର ରାମୋ ଓ ବାଲିଅଣ୍ଡି, ମୁରୁଣୀ ପଂଚାୟତ ର ବାଲିକଣା, ରାଉତ ପଡା ଓ ଭଗିଆ ଆଦିବାସୀ ସାହି, ବଙ୍ଗାଳପୁର ପଂଚାୟତର ଭଗିଆ ୱାର୍ଡ ରହିଛି । ନବ ଗଠିତ ସିମୁଳିଆ ବିଜ୍ଞାପିତ ଅଂଚଳ ପରିଷଦ ରେ ସଂରକ୍ଷଣ ତାଲିକାର ଆପତି ଅଭିଯୋଗର ଶୁଣାଣି କରି ବାଲେଶ୍ୱର ଜିଲ୍ଲାପାଳ ଚୂଡାନ୍ତ ତାଲିକା ଚିଠି ନମ୍ବର ନମ୍ବର ୭୬୬ ରେ ୩୧, ୩, ୨୦୨୬ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ନୂତନ ଗଠନ ରେ ମୋଟ ୨୧ ଟି ୱାର୍ଡ, ରହିଛି, ସେଥିରେ ମହିଳାଙ୍କ ପାଇଁ ୧୧ ଗୋଟି ୱାର୍ଡ ସଂରକ୍ଷିତ ରହିଛି । ସାଧାରଣ ବର୍ଗ ପାଇଁ ୱାର୍ଡ ନମ୍ବର ୨, ୩, ୪, ୫, ୭, ୮, ୧୫,,୧୯ ଓ ତପସିଲ ଭୁକ୍ତ ଜାତି ପାଇଁ ୱାର୍ଡ ନମ୍ବର ୨୧ ସଂରକ୍ଷିତ ଥିବା ବେଳେ ତପସିଲ ଭୁକ୍ତ ଜନଜାତି ପାଇଁ ୧୨ ୱାର୍ଡ ସଂରକ୍ଷିତ ରହିଛି । ସେହିପରି ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ୧୧ଗୋଟି ୱାର୍ଡ ସଂରକ୍ଷିତ ରହିଥିବା ବେଳେ ସାଧାରଣ ବର୍ଗର ମହିଳାଙ୍କ ପାଇଁ ୮ ଗୋଟି ୱାର୍ଡ ଯଥା ୬, ୯, ୧୦, ୧୩, ୧୪, ୧୬, ୧୭ ଓ ୨୦ ୱାର୍ଡ ରହିଛି । ସେହିପରି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୧୧ ଓ ୧୮ ୱାର୍ଡ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନ ଜାତି ମହିଳାଙ୍କ ନିମନ୍ତେ ୧ ନମ୍ବର ୱାର୍ଡ ସଂରକ୍ଷିତ ରହିଥିବା ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ଆଜି ଚୂଡାନ୍ତ ତାଲିକା ଜାରୀ କରିଛନ୍ତି । ଆଜି ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ସିମୁଳିଆ ରେ ରାଜନୈତିକ ତାତି ଦେଖିବାକୁ ମିଳୁଛି । ନବାଗଠିତ ସିମୁଳିଆ ଏନଏସିରେ କିଏ ବାଜି ମାରିବ ଚର୍ଚ୍ଚା ଲାଗି ରହିଛି । ଶାସକ ଦଳର ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବିରୋଧୀ ଦଳର ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପାଇଁ ନବ ଗଠିତ ସିମୁଳିଆ ଗଠନ ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି ।

ଶବ୍ଦର କୁଶଳୀ ପ୍ରୟୋଗ କବିତାକୁ କାଳଜୟୀ କରେ : କବି ସେନାପତି ପ୍ରଦ୍ୟୁମ୍ନ କେଶରୀ

ନୀଳଗିରି, ୧୭/୦୪(ଆ.ପ୍ର) : ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ମିତ୍ରପୁର, ନୀଳଗିରି ଦ୍ୱାରା ରାଜ୍ୟସ୍ତରୀୟ ମାସିକ କବିତା ଆସର କବୀ ପ୍ରଣତି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆସରର ପ୍ରାରମ୍ଭରେ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଓଡିଶାର ଲବ୍ଧପ୍ରତିଷ୍ଠ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଅତିଥି ଭାବରେ ଯୋଗଦାନ କରି କବିତାର ଆଙ୍ଗିକ ଓ ଆତ୍ମିକ ରୂପ ବର୍ଣ୍ଣନା କରିଥିଲେ । ସେହିପରି ଭଦ୍ରକରୁ ଅଧ୍ୟାପିକା ହରିପ୍ରିୟା ସେଠୀ କବିତା ସଂଯୋଜନା କରିଥିଲେ । ଏହି ଆସରରେ କବୀ ପ୍ରଣତି ମହାପାତ୍ର, କବୀ ଅଲିଭା ଘୋଷ, (ବାଲେଶ୍ୱର) କବୀ ଗିତା ଅପରାଜିତା (ଭୁବନେଶ୍ୱର) କବୀ ମାମାଲି ସାହୁ (ଭୁବନେଶ୍ୱର) କବୀ ଅର୍ଚ୍ଚନା ମହାପାତ୍ର (କଲିକତା) କବୀ ସ୍ୱିଗ୍ଧା ରାଉତ(କଟକ), କବୀ ଶୁଚିସ୍ମିତା ମହାନ୍ତି (ଯାଜପୁର), କବି ଶକ୍ତିପଦ ମିଶ୍ର, କବି ପ୍ରବୀର କମିଲା (ବାଲେଶ୍ୱର) କବୀ ରୋଜି ଦାସ(କଟକ) କବି ବିଜୟ ଦଳାଇ(ବାଲେଶ୍ୱର) କବୀ ଜାଗୃତି ପ୍ରଧାନ (ଭୁବନେଶ୍ୱର) କବୀ ଉନ୍ନତି ପ୍ରଧାନ (ପୁରୀ) କବି ରତିନାରାୟଣ ରାଉତ୍ (କେନ୍ଦୁଝର), ସୁଚିସ୍ମିତ ସାହୁ,(ଭଦ୍ରଖ)ଓ କବି ପ୍ରଫୁଲ୍ଲ ଦାଶ (ନୟାଗଡ଼) ନିଜର ସ୍ୱରଚିତ କବିତା ପାଠ କରିଥିଲେ । କବିତା ପାଠ ପରେ ନୟାଗଡ଼ର ସମୀକ୍ଷକ ପ୍ରଫୁଲ୍ଲ କୁମାର ଦାଶ ସମସ୍ତ କବିତାକୁ ସମୀକ୍ଷା କରିବାପରେ ଶେଷରେ ବାଲେଶ୍ୱରରୁ ଗବେଷିକା ଅଲିଭା ଘୋଷ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିଥିଲେ ।

ରାମଚନ୍ଦ୍ର ପଣ୍ଡା ଏଜୁକେସନ ଟ୍ରଷ୍ଟ ଓ 'ନାଚ୍' ନୃତ୍ୟାନୁଷ୍ଠାନ ପକ୍ଷରୁ ଗଣିତ ବୃତି ପରୀକ୍ଷା ଓ ସାଂସ୍କୃତିକ ପ୍ରତିଯୋଗିତା

ବାଲେଶ୍ୱର, ୧୭/୦୪(ଆ.ପ୍ର) : ରାମଚନ୍ଦ୍ର ପଣ୍ଡା ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ (ଜଗତରାଣ୍ଡ), ବାଲେଶ୍ୱର ଓ ପ୍ରମୁଖ ନୃତ୍ୟ ପ୍ରତିଷ୍ଠାନ 'ନାଚ୍'ର ମିଳିତ ସହଭାଗିତାରେ ଗଣିତ ବୃତି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର ଉଦ୍ଯାପନୀ ସଭା ନାଚ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କର ୧୧୨ତମ ଜନ୍ମଜୟନ୍ତୀ ମଧ୍ୟ ପାଳିତ ହୋଇଛି । ପର୍ଯ୍ୟାୟକ୍ରମେ ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ଶିକ୍ଷାର୍ଥୀମାନଙ୍କ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଭଜନ ଗାୟନ ଓ ଭଜନ ଆଧାରିତ ନୃତ୍ୟ ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମ ତିନିଜଣ ବିଜେତାଙ୍କୁ ଏହି ସଭାରେ ସମ୍ମାନିତ କରାଯାଇଥିଲା । ପ୍ରଖ୍ୟାତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ।

ନାରାୟଣ ପଣ୍ଡା ଟ୍ରଷ୍ଟର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ସମାଜରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ପ୍ରଚାର-ପ୍ରସାର ଉପରେ ଜୋର୍ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ରସାଳପୁର କଲେଜର ପୂର୍ବତନ ପ୍ରଧାନାଚାର୍ଯ୍ୟା କବିତା ପଣ୍ଡା ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ଜୀବନ ଓ ଆଦର୍ଶକୁ ଉଜାଗର କରି କହିଥିଲେ ଯେ ସେ ଜଣେ ଆଦର୍ଶ ଶିକ୍ଷକ, ସଙ୍ଗୀତଜ୍ଞ ଓ ଅଭିନେତା ହେବା ସହିତ ସମାଜ ସୁଧାରକ ମଧ୍ୟ ଥିଲେ, ଯିଏ ନାରୀ ଶିକ୍ଷାର ପ୍ରସାର ଓ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅରୁଣାଂଶୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । 'ନାଚ୍' ଡାନ୍ସ ଇନଷ୍ଟିଚ୍ୟୁଟ୍ର ନିର୍ଦ୍ଦେଶିକା ଓ ନୃତ୍ୟଶିଳ୍ପୀ ରୋନାଲିସା ପଣ୍ଡା ସୂତ୍ରଧାରରୂପେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିଥିଲେ । ଗଣିତ ବୃତି ପରୀକ୍ଷାରେ ସଫଳ ମେଧାବୀ ଶିକ୍ଷାର୍ଥୀମାନଙ୍କୁ ନଗଦ ପୁରସ୍କାର, ସନନ୍ଦପତ୍ର ଓ ମେମେଂଟୋ ଦିଆଯାଇଥିବା ବେଳେ ସଂସ୍କୃତିକ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ସନନ୍ଦପତ୍ର ଓ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

ବଣିଆଗାଁରେ ଝାଡଖଣ୍ଡି ଦନ୍ତାହାତୀର ଉପଦ୍ରବ

ନୀଳଗିରି, ୧୭/୦୪(ଆ.ପ୍ର) : ଖାଦ୍ୟ ଅନ୍ୱେଷଣରେ ଏକ ଝାଡ଼ଖଣ୍ଡି ହାତୀ ଦୁର୍ଗାଦେବୀ ଅଂଚଳ ଅତିକ୍ରମକରି ଆଜି ସକାଳ ୬ ଘଟିକା ସମୟରେ ନୀଳଗିରି ବ୍ଲକ୍ ମହିଷାପଟ୍ଟା ପଂଚାୟତ ବଣିଆଗାଁରେ ପହଂଚି ମନୋଜ କୁମାର ନନ୍ଦ (ଟିଲୁ)ଙ୍କ ଫାର୍ମ ବାଡ଼ିରାଙ୍ଗି ଭିତରକୁ ପ୍ରବେଶକରି ଫାର୍ମବାଡିରେ ଥିବା ପନିପରିବା, କଦଳୀଗଛ, ଆମ୍ବ ଗଛ ବ୍ୟାପକଭାବେ ନଷ୍ଟକରିଛି । ଯାହାର ଆନୁମାନିକ ମୂଲ୍ୟ ପଚାଶହଜାରରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିବା ଫାର୍ମର ମାଲିକ ମନୋଜ କହିଛନ୍ତି । ପରେ ହାତୀଟି ପାଟଣା ଜଙ୍ଗଲ ଅଭିମୁଖେ ଯାଉଥିବାର ଦେଖିବାକୁ ମିଳିଛି ଏବେବେ ଦନ୍ତା ହାତୀ ପ୍ରଥମେ ନୀଳଗିରି ଅଂଚଳକୁ ଆସି ଖାଦ୍ୟ ଅନ୍ୱେଷଣ କରିବାପରେ ଅନ୍ୟ ହାତୀ ମାନେ ଆସିପାରନ୍ତି ବୋଲି ଅନୁମାନ କରାଯାଉଛି ।

ଅବକାରୀ ଚଢ଼ାଉ ୪୩ ଲିଟର ମଦ ସହିତ ୩ ଗିରଫ

ଭୋଗରାଇ, ୧୭/୦୪(ଆ.ପ୍ର) : ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢାଉ କରାଯାଇ ୪୩ ଲିଟର ଚୋରା ଦେଶୀ ମଦ ସହିତ ୩ ଜଣ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ବ୍ଲକ କଟୁଆଡ଼ି ଗ୍ରାମର ରାଧାରାଣୀ ଦତ ପାଖରୁ ୧୨ ଲିଟର, କଖଡ଼ା ଗ୍ରାମର ବାସନ୍ତୀ ମାରାଣ୍ଡି ପାଖରୁ ୨୫ ଲିଟର, ରାଇବଣିଆ ଗ୍ରାମର ଗୌରାଙ୍ଗ ହାଁସଦା ପାଖରୁ ୬ ଲିଟର ଦେଶୀ, ବିଦେଶୀ ଓ ବେଙ୍ଗଲ ମାର୍କା ମଦ ଜବତ କରିଛି ଅବକାରୀ ବିଭାଗ । ଏନେଇ ଅବକାରୀ ଥାନାରେ ୬/୨୬, ୭/୨୬ ଓ ୮/୨୬ରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ଚନ୍ଦ୍ରଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।

ବାଲିଆପାଳ ପୋଲିସ୍‌ର ପାତର ଅନ୍ତରକୁ ନେଇ ଉଠିଛି ପ୍ରଶ୍ନ ?

ବାଲିଆପାଳ, ୧୭/୦୪(ଆ.ପ୍ର) : ବାଲିଆପାଳ ପୋଲିସର ଏକି ନ୍ୟାୟ । ସମାନ ଦଫା ଥାଇ ବିଭିନ୍ନ ମାମଲାରେ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ, ସେହି ସମାନ ଦଫା ଲାଗିଥିଲେ ବି ଆସାମୀଙ୍କୁ ଗିରଫ କରିବା ବଦଳରେ ସୁରକ୍ଷା ଦେଉଥିବାର ଗୁରୁତର ଅଭିଯୋଗ ଆଣିଛନ୍ତି ପିଡିତା । ତେବେ ବାଲିଆପାଳ ପୋଲିସ୍ ର ଏପରି ପାତର ଅନ୍ତର ନୀତି ଯୋଗୁଁ ବୁଦ୍ଧିଜୀବି ମହଲରେ ଉଠିଛି ପ୍ରଶ୍ନ ? ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟୀ ଗ୍ରାମର ସଞ୍ଜୟ ଗିରିଙ୍କ ସ୍ତ୍ରୀ ରଶ୍ମିରେଖା ପାତ୍ରଙ୍କୁ ସ୍ଥାନୀୟ ମହାବନା ଗ୍ରାମର ସ୍ୱର୍ଗତ ନଟବର ଦାସ ଙ୍କ ପୁଅ ନାରାୟଣ ଦାସ୍ ମାଡ ମାରିବା,ବ୍ଲାକ୍ ମେଲ୍ କରିବା, ଅଶ୍ଳୀଳ ଚାଟ୍ କରିବା ତଥା ଯୌନ ନିବେଦନ କରୁ ଥିବାର ଥାନାରେ ଅଭିଯୋଗ କରିଥିଲେ । ତେବେ ଅଭିଯୋଗ ମୂଳେ ବାଲିଆପାଳ ପୋଲିସ ମହିଳାଙ୍କ ଦ୍ୱାରା ହୋଇଥିବା ଏପରି ଏକ ସଂଗୀନ୍ ଅଭିଯୋଗକୁ ଆଖିଆଗରେ ରଖି ଭାରତୀୟ ନ୍ୟାୟ ସଂହିତା ୨୦୨୩ ଆଧାରରେ ୦୧୬୫ / ୨୬ ମୂଳେ ମାମଲା ରୁଜୁ କରି ଦଫା ୧୨୬/୨ , ୧୧୫/୨ ,୭୫ ,୭୪ , ୭୯,୨୯୬ ,୩୫୧/୨ ଲାଗିଛି । ତେବେ ଲାଗିଥିବା ଦଫା ୨୯୬କୁ ବାଦ୍ ଦେଲେ, ଅନ୍ୟ ସମସ୍ତ ଦଫା ସଂଗୀନ୍ ଓ ଜାମିନବିହୀନ ଦଫା ଲାଗିଥିବା ସତ୍ୱେ, ପୋଲିସ୍ ଆସାମୀ ନାରାୟଣ ଦାସ୍‌ଙ୍କୁ ଅଦ୍ୟାବଧି ଗିରଫ୍ କରିନାହାନ୍ତି । ପୋଲିସ୍‌ର କୋହଳ ମନୋଭାବର ଫାଇଦା ନେଇ ଆସାମୀ ଅଧିକ ପ୍ରତିକ୍ରିୟାଶୀଳ ହେବା ସହ ଅଭିଯୋଗ କାରିଣୀ ଏବଂ ତାଙ୍କ ସ୍ୱାମୀଙ୍କୁ ମାମଲା ପ୍ରତ୍ୟାହାର ନକଲେ ଜୀବନରୁ ମାରିଦେବାକୁ ଧମକ ଦେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବେ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଛି, ଯେ ବିଗତ ଦିନରେ ସମାନ ଦଫା ଥାଇ ବାଲିଆପାଳ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ, ଏହି ମାମଲାରେ ଆସାମୀଙ୍କୁ ଗିରଫ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ, ପୋଲିସ୍ ଓ ଆସାମୀ ମଧ୍ୟରେ ଅସାଧୁ ମେଂଟ ହୋଇଥିବାର ଚର୍ଚ୍ଚା ହେଉଛି । ସମାନ ଦଫା ଥାଇ କିଛି ମାମଲାରେ ପୋଲିସ କଠୋର ହୋଇଥିବା ବେଳେ, ଏମାମଲାରେ ଆସାମୀଙ୍କୁ ଗିରଫ କରିବାରେ ପୋଲିସ ନିରବ କାହିଁକି ? ତେବେ ପୋଲିସ ଆସାମୀ ଠାରୁ ଅର୍ଥନେଇ ଚୁପ୍ ରହିଛି କିମ୍ବା ଆସାମୀଙ୍କୁ ଉଚ୍ଚନ୍ୟାୟାଳୟ ରୁ ଆଗୁଆ ଜାମିନ ପାଇଁ ସୁଯୋଗ ଦେଉଛି । ତେବେ ମାମଲାର ତଦନ୍ତ ଅଧିକାରୀ ଏସ୍ଆଇ ସୁଭସମିତା ପାଲ୍ ମ୍ୟାଡ଼ାମଙ୍କୁ ଏପରି ପାତର ଅନ୍ତର ବାବଦରେ ପଚାରିବାରୁ,ସେ ସିଧାସଳଖ ଉତର ଦେଇଥିଲେ, ଆସାମୀଙ୍କୁ ଗିରଫ କଲେ ତାଙ୍କର ଚାକିରୀ ଚାଲିଯିବା ସହ ସୁପ୍ରିମକୋର୍ଟଙ୍କ ଅର୍ଡର ପ୍ରସଙ୍ଗ ଉଠାଉଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ସମାନ୍ ଦଫାରେ ପୂର୍ବରୁ ବାଲିଆପାଳ ପୋଲିସ ଦ୍ୱାରା ବେଆଇନ୍ ଗିରଫଦାରୀ ହୋଇଛି । ଯାହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ । ତେବେ ଅଭିଯୁକ୍ତ ପକ୍ଷରୁ ପିଡିତା ପରିବାରକୁ ବିପଦ ରହିଥିବା ବେଳେ, ତୁରନ୍ତ ଆସାମୀଙ୍କୁ ଗିରଫ କରିବା ସହ,ପିଡିତା ପରିବାରକୁ ପୋଲିସ୍ ପକ୍ଷରୁ ସୁରକ୍ଷା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ଦ୍ୱାରା ପାନୀୟ ଜଳ ଯୋଗାଣ ସେବାକାର୍ଯ୍ୟ

ବାଲେଶ୍ୱର, ୧୭/୦୪(ଆ.ପ୍ର) : ପ୍ରତିବର୍ଷ ଭଳି ଏବର୍ଷ ତା ୧୪-୦୪-୨୦୨୬ ରିଖ ଓଡ଼ିଆ ନବବର୍ଷ ଅବସରରେ 'ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ' ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ୍ ସମ୍ମୁଖରେ ଗ୍ରୀଷ୍ମତାପରୁ ରକ୍ଷା ନିମନ୍ତେ ପାନୀୟ ଜଳ ଆବଶ୍ୟକତା ଦୃଷ୍ଟିରୁ ଯାତାୟତ କରୁଥିବା ଯାତ୍ରୀ ତଥା ଅନ୍ୟ ସର୍ବସାଧାରଣଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ସେବାର ସୁବନ୍ଦୋବସ୍ତ କରାଯାଇଅଛି । ଉକ୍ତ ପାନୀୟ ଜଳ ଛାତ୍ରସଂଘର ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଆୟୋଜନ କରାଯାଇ ରେଳ ପ୍ରଶାସନିକ ଅଧିକାରୀ ଏଡିଇଏନ୍ ରାମ ନାରାୟଣଙ୍କ ହସ୍ତରେ ଉଦ୍ଘାଟିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ସଦସ୍ୟ ସଦସ୍ୟ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ଏମାନଙ୍କ ମଧ୍ୟରେ ଉପଦେଷ୍ଟା - ରମେଶ ଚନ୍ଦ୍ର ଜେନା, ସମ୍ପାଦକ ରାମଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ବଙ୍କିମ ଚନ୍ଦ୍ର ପତି ତଥା ଗଗନ ଚନ୍ଦ୍ର ଦଳାଇ, ଅନୀଲ କୁମାର ଦାସ, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ଅଭିରାମ ନାୟକ, ଗିରିଧାରୀ ବିଶ୍ୱାଳ, ଅକ୍ଷୟ କୁମାର ପଣ୍ଡା, ସତ୍ୟରଞ୍ଜନ ରାଉତ, ପି.କେ. ଚୌଧୁରୀ, ରଘୁନାଥ ତ୍ରିପାଠୀ, ଦେବପ୍ରସାଦ ନାୟକ, ସନ୍ତୋଷ କୁମାର ଗୋଚ୍ଛାୟତ, ଆର.ଏନ୍ ରାଓ, ଜୈକାଶ ଚନ୍ଦ୍ର ଖୁଲାର, ପଦ୍ମନାଭ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକୁ ପ୍ରଶଂସା ପୂର୍ବକ ବାଲେଶ୍ୱର ଷ୍ଟେସନ ମ୍ୟାନେଜର ସଂଘର ଆଦର୍ଶକୁ ନେଇ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଅନ୍ତେ ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ବୁଇମାସ ପର୍ଯ୍ୟନ୍ତ ଚାଲୁରଖିବାର ଘୋଷଣା କରାଯାଇଥିଲା ।

ଅଗ୍ରଣୀ ସମାଜସେବୀ ସଂଗଠନ 'ଦରଦୀ ବନ୍ଧୁ ଫାଉଣ୍ଡେସନ' ସମ୍ମାନିତ

ସିମୁଳିଆ, ୧୭/୦୪(ଆ.ପ୍ର) : ଜଗତସିଂହପୁର ଜିଲ୍ଲାରେ ଆୟୋଜିତ ଏକ ବିଶେଷ ସାମାଜିକ ଅନୁଷ୍ଠାନରେ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସମାଜସେବୀ ସଂଗଠନ ଦରଦୀ ବନ୍ଧୁ ଫାଉଣ୍ଡେସନକୁ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ "ସେବା ସମ୍ମାନ" ରେ ସମ୍ମାନିତ କରାଯାଇଛି । ଏହି ସ୍ୱେଚ୍ଛାସେବୀ ସଂଗଠନ ଦୀର୍ଘଦିନ ଧରି ଜିଲ୍ଲା ଓ ଜିଲ୍ଲା ବାହାରରେ ଅସହାୟ, ଗରିବ ଓ ନିଷ୍ପେସିତ ଲୋକମାନଙ୍କୁ ନିରନ୍ତର ସହାୟତା ଓ ସେବା ଯୋଗାଇ ଆସୁଛି । ସଂଗଠନର ଏହି ମାନବତାମୂଳକ କାର୍ଯ୍ୟକୁ ଦୃଷ୍ଟିରେ ରଖି ସେବା ଫାଉଣ୍ଡେସନ ପକ୍ଷରୁ ସମ୍ମାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ମହାନ୍ତି ଯୋଗଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ପ୍ରେମାନନ୍ଦ ପରିଡ଼ା ଉପସ୍ଥିତ ଥିଲେ । ସଂଗଠନର ପ୍ରତିଷ୍ଠାତା ଡ଼ଃ ସୋଣାଙ୍କ କେଶର ସାହାଣୀ, ସଯୁକ୍ତ ଶିବାନନ୍ଦ ଦାସ ଓ ସଯୁକ୍ତ କେଦାର ଦଲାଇ ମଧ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ବିଶ୍ୱାଳ ଉପସ୍ଥିତ ରହିଥିଲେ । ଏହି ଅବସରରେ ସମସ୍ତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବାର ଅଂଶ ଭାବେ ୩୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହା ସହ ୭୦ ଜଣଙ୍କ ଆଖି ପରୀକ୍ଷା କରାଯାଇଥିବାବେଳେ ୭ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ସଂଗଠନ ପକ୍ଷରୁ ପଠାଯାଇଥିଲା । ଏହି ଅବସରରେ ସଂଗଠନର ମୁଖ୍ୟ ଉପଦେଷ୍ଟା ଓ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସହ ସଂସ୍ଥାପକ ଗୀତି ରଞ୍ଜନ ବେହେରା, ସଭାପତି ମିସ୍ ଲଭଲି ମହାପାତ୍ର, ଉପ-ସଭାପତି ରଶ୍ମି ରଞ୍ଜନ ବାରିକ ଓ ସମ୍ପାଦିକା ମଧୁସ୍ମିତା ପଲାଇ ସହ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ ।

ମଦ ବିରୋଧୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି, ୧୭/୦୪(ଆ.ପ୍ର) : ବର୍ତ୍ତମାନ ଘରେ ଘରେ ଦେଶୀ ମଦର ପ୍ରାଦୁର୍ଭାବ ବଢି ଚାଲିଛି । ଯାହାଦ୍ୱାରା କି ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡିଛି । ଏହାକୁ ପ୍ରତିବାଦ କରି ଗୋହିରା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ତେକିପାଳ ପଂଚାୟତର ନାଏବ ସରପଂଚଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ସମାଜସେବୀ ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ମିଶ୍ର, ଉମାକାନ୍ତ ଷଡଙ୍ଗୀ, କଳ୍ପନା ପ୍ରଧାନ, ରୂପଶ୍ରୀ ମିଶ୍ର, ବବିତା ବେହେରା, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଶେଷ ରେ ଆଗାମୀ ଦିନରେ ନୀଳଗିରିରେ ମଦ ବନ୍ଦ କରିବା ପାଇଁ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଦାବୀ ପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଛି ।

ସେଇତ୍ନ
ଆରମ୍ଭ
SEITHO ARAMBHA

ଶନିବାର, ୧୮ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମାନସିକତା

ଓଡ଼ିଶା କୃଷକ ପରିବାର ନିଜ ବାଡ଼ି ଓ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲା । ବର୍ଷ ସାରା ନିଜ ଉତ୍ପାଦିତ ଆଳୁ, ପିଆଜ, ରସୁଣ, ବିରି, ମୁଗ, ଅଦା, କଖାରୁ, ଶାଗ, ଭେଣ୍ଡି, ବାଇଗଣ, ଟମାଟର, ଜହ୍ନି, ଲାଉ, କାକୁଡ଼ି, ପୋଇ, ଲଙ୍କା, ନଡ଼ିଆ, କଦଳୀ ଆଦି ନିଜେ ଖାଇ ବଳକା ପଡ଼ୋଶୀଙ୍କୁ ବାଣ୍ଟୁଥିଲା ଓ ପାଖ ହାଟ ବଜାରରେ ବିକ୍ରି କରୁଥିଲା । ସେହିପରି ପ୍ରତି ପରିବାର ନିଜ ପୋଖରୀରୁ ମାଛ ଉତ୍ପାଦନ କରି ମନ ଖୁସିରେ ଖାଉଥିଲା ଓ ପଡ଼ୋଶୀମାନଙ୍କୁ ବାଂଟୁଥିଲା । କିନ୍ତୁ ଆଜି ସବୁ ପରିବର୍ତନ । ଚାଷୀ ସଂଖ୍ୟା ଢେର୍ କମିଯାଇଛି । ଚାଷ ପ୍ରତି ଆଉ କାହାରି ଆନ୍ତରିକତା ନାହିଁ । ନିଜ ବୃତି ଉପରେ ଭରସା ହରାଇବା ପରେ ଅଧିକ ରୋଜଗାର ଆଶାରେ ଅଧିକାଂଶ ଚାଷୀ ନିଜ ଚାଷ ଜମି ପଡ଼ିଆ ପକାଇ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି କିମ୍ବା ଅନ୍ୟ ବୃତିରେ ପ୍ରବେଶ କରିଛନ୍ତି । ଗାଁରେ ଆଉ ଆଗ ଭଳି ଗାଈଗୋଠ ନାହିଁ । ପରିବା ଚାଷ ଆଦୌ ନାହିଁ । ଗାଁର ପୋଖରୀ ସବୁ ପୋତି ହୋଇ ଗଲାଣି ବା ଦଳଗଦି ହୋଇ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ବାହାରେ ଭଲ ରୋଜଗାର ହେଉଥିବାରୁ ସେମାନେ ଗାଁ ମାଟି ମାଡ଼ୁନାହାଁନ୍ତି । ସହଜେ ସରକାରଙ୍କ ପାଖରୁ ଟଙ୍କାଟାରେ ଚାଉଳ, ୫ଟଙ୍କାରେ ଖାଇବାକୁ ଓ ଆଉ କିଛି ଜିନିଷ ମାଗଣାରେ ମିଳୁଛି । ସେମାନେ ଆଉ ଚିନ୍ତା କରିବେ କାହିଁକି ? ବିଭିନ୍ନ ଚାଷର ଉନ୍ନତି ପାଇଁ କିଛି ସ୍ୱତନ୍ତ୍ର ନୀତି ଅଛି କି ? ଯେଉଁମାନେ କୃଷି ଉତ୍ପାଦନରେ ନିୟୋଜିତ ଥିଲେ, ସରକାର ସେମାନଙ୍କ ଉନ୍ନତି ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କରି ନଥିବାରୁ ହିଁ ସେମାନେ ନିଜ ପେଷା ଛାଡ଼ି ବାହାରେ ଭଲ ରୋଜଗାରରେ ଅଛନ୍ତି । ଆଜି ଅବସ୍ଥା ଏପରି ହୋଇଛି ଯେ, ସାମାନ୍ୟ ପିଆଜ, ଆଳୁ ଆଦି ପରିବା ପତ୍ର ପାଇଁ ଲୋକେ କାନ୍ଦୁଛନ୍ତି । ଏହି ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ଚକିତ କରୁଛି । ନିଜ ବାଡ଼ିରେ ଯେଉଁ ଜିନିଷ ମିଳୁଥିଲା, ସେସବୁ ଆଜି ଲୋକେ ଦେଖିବାକୁ ପାଉ ନାହାଁନ୍ତି । ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇ ପାରିବ ? ୧୯୫୨ରେ ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ଯୋଜନା ସାରା ଭାରତରେ କାର୍ଯ୍ୟକାରୀ ହୋଇଥିଲା । ଗାଁ ଗହଳରେ ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଓ ଫଳ ଚାଷ ପାଇଁ ବ୍ଲକ୍ କାର୍ଯ୍ୟାଳୟ ମାନଙ୍କରେ ସଂପ୍ରସାରଣ ଅଧିକାରୀ ମାନେ ନିଯୁକ୍ତି ପାଇଲେ । ସରକାର ମଧ୍ୟ ପ୍ରୋତ୍ସାହନ ପାଇଁ ସବ୍ସିଡ଼ି ଦେଲେ । ମାତ୍ର ଆମ ରାଜ୍ୟର ହାକିମ ଓ ଲୋକମାନେ ଭାବିଲେ, ଏତେ କଷ୍ଟ କରିବା ଅପେକ୍ଷା କାଗଜପତ୍ରରେ କାମ ଦେଖାଇ ସବ୍ସିଡ଼ି ଟଙ୍କ କରିଦେବା ବରଂ ଭଲ ହେବ! ସେହି ଅନୁସାରେ ମିଛ ପୋଖରୀ, ମିଛ ମାଛ ଓ କାଗଜପତ୍ରରେ କୁକୁଡ଼ା ଫାର୍ମ ହେଲା, ଗଛ ନଥାଇ ଆମ୍ବ ବଗିଚା ହେଲା, କ୍ଷୀର ଉତ୍ପାଦନ ମଧ୍ୟ କାଗଜପତ୍ରରେ ଦେଖାଇ ଦିଆଗଲା ଇତ୍ୟାଦି । ପ୍ରୋତ୍ସାହନ ଅର୍ଥକୁ ନେତା, ଅଧିକାରୀ ଓ ହିତାଧିକାରୀ ବାଂଟି ଖାଇଲେ । ଏହି ପରମ୍ପରା ଏବେ ମଧ୍ୟ ଆମ ରାଜ୍ୟରେ ଜାରି ରହିଛି ।

ସାମ୍ବାଦିକତା ବୃତ୍ତିରେ ମହିଳାଙ୍କ ସମସ୍ୟା

।। ଦିପ୍ତିମୟୀ ନାୟକ ।।

ଆଜିକାଲି ସାମ୍ବାଦିକତାକୁ ବୃତ୍ତି ଭାବରେ ଗ୍ରହଣ କରିବା ନାରୀ ପକ୍ଷରେ କୌଣସି ସହଜ କଥା ନୁହେଁ । ଏ କ୍ଷେତ୍ରରେ ବୃତ୍ତିଗତ ଦୃଷ୍ଟିରୁ ପୁରୁଷ ଅପେକ୍ଷା ନାରୀଟିଏକୁ ଅଧିକ ଭାବରେ ପରିସ୍ଥିତି ସହ ସାଲିସ ଓ ମାଲିସ କରିବାକୁ ପଡିଥାଏ । ବର୍ତ୍ତମାନ ସମୟରେ ଭୟ ଲାଗିଲାଣି ସାମ୍ବାଦିକତା କରିବାକୁ । ଏହି କାରଣରୁ ଅନେକ ସ୍ୱାଭିମାନୀ ମହିଳା କାର୍ଯ୍ୟ ବଦଳାଉଛନ୍ତି କିମ୍ବା ବୃତ୍ତି ଛାଡି ଘରେ ବସୁଛନ୍ତି । ସମାଜରେ କୌଣସି ନାରୀ ଅତ୍ୟାଚାରର ଶିକାର ହେଲେ 'ୱାଚଡଗ' ଭାବରେ ସାମ୍ବାଦିକ ଓ ସାମ୍ବାଦିକାମାନେ ଝପଟି ଆସନ୍ତି କିନ୍ତୁ ସାମ୍ବାଦିକା ନିଜେ 'ୱାଚଡଗ' ମାନଙ୍କର ଚକ୍ରବ୍ୟୁହରେ ଫସିଗଲେ ମହାଭାରତର ଅଭିମନ୍ୟୁ ହେବାକୁ ପଡେ । କେବେକେବେ ମନକୁ ପ୍ରଶ୍ନଟିଏ ଆସେ - ସାମ୍ବାଦିକାମାନେ ନିଜର ବୃତ୍ତିଗତ ଅତ୍ୟାଚାରର ଅଭିଜ୍ଞତାକୁ ନେଇ ବହି ଖଣ୍ଡିଏ ଲେଖାଏଁ ଲେଖନ୍ତେ କି ! ଅନେକ ୱାଚଡଗଙ୍କର ମୁଖାରୁ ଡଗ୍ ବାଜିଯାଇ ଶାର୍ଦ୍ଦୁଳ ମୁଖା ଖୋଲିଯିବ । ସବୁ ସମ୍ବାଦ ସଂସ୍ଥା ଏଭଳି ନୁହେଁ । ଅଳ୍ପ କିଛି ସଂସ୍ଥାରେ ମହିଳାମାନେ ସୁରକ୍ଷିତ ନୁହଁନ୍ତି । ତେବେ ଅସୁରକ୍ଷିତ ସଂସ୍ଥା ଗୁଡ଼ିକରେ ପ୍ରଥମେ ଠିକ ସମୟରେ ଦରମା ଦିଆଯାଏ ନାହିଁ । ଏଭଳି କରାଯିବାର ଉଦ୍ଦେଶ୍ୟ ହେଲା - ସାମ୍ବାଦିକା ଦରମା ପାଇବାକୁ ଥରେଦୁଇଥର ମାଲିକଙ୍କ ନିକଟକୁ ଆସୁ । ଆଉକିଛି ସଂସ୍ଥାରେ ତିନିଚାରିମାସ ଧରି ଦରମା ଦିଆଯିବନାହିଁ । ତାପରେ ସାମ୍ବାଦିକା ଦିନେ ଆସିବା ବନ୍ଦ କରିଦେବ । ପୁରାପୁରି ବାଦନ ଶ୍ରମିକଭଳି କାମ କରେଇନେବେ । ବିନା ଦରମାରେ ତଡିଦେବାଭଳି ଅବସ୍ଥା ସୃଷ୍ଟି କରିଦିଆଯିବ । ତିନିମାସ କାମ ହୋଇଗଲା , ତାହା ପୁଣି ବିନା ପଇସାରେ । ଦରମା ମାଗିଲେ ଉତ୍ତର ଅସେ - ରେଭିନ୍ୟୁ ଅସିନାହିଁ, ଆସିଲେ ଦେବୁ । ଆଉ କିଛି ସଂସ୍ଥାରେ ମାସକୁ ଦଶହଜାର ଦେବାର ପ୍ରତିଶ୍ରୁତି ଥାଏ କିନ୍ତୁ ମାସ ଶେଷରେ ' ଦୁଇହଜାର ନେଇଥାଅ, ପଇସା ମିଳିଲେ ଦେଇଦେବୁ '। ଏହିପରି ଦୁଇତିନିମାସ କାମ କରିବାପରେ ଆଉ ତଡିବା ଆବଶ୍ୟକ ପଡେନାହିଁ । ବିଚାରୀ ସାମ୍ବାଦିକା ବକେୟା ଦରମା ମିଳିବାର ନିଷ୍ଫଳ ଆଶାନେଇ ମନକୁମନ ଘରେ ରହିଯାଏ । ବିରାଟ ରାଜାଙ୍କ ପ୍ରାସାଦରେ ସୈରିନ୍ଧ୍ରୀ ନିରାପଦ ଥିବାଭଳି ମନେହେଉଥିଲେ ବି କିଚକ ଯନ୍ତ୍ରଣା ବସାଇ ଜଗିରହିଥାଏ । ଏହିପରି ସାମ୍ବାଦିକାମାନଙ୍କୁ ବର୍ତ୍ତମାନ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏବେ ଦେଖିବା ସାମ୍ବାଦିକାର ସୁରକ୍ଷା କଥା । ଜଣେ ସାମ୍ବାଦିକା ନିଜ କର୍ମ କ୍ଷେତ୍ରରେ ମାନସିକ ଅତ୍ୟାଚାରର ଶିକାର ହେଲେ ସେ ଖବର କେବେବି ବାହାରକୁ ଆସେ ନାହିଁ । ଯଦି ଦୈବାତ ସେ ଖବର ବାହାରକୁ ଆସିଲା ପୁରୁଷମାନେ ଘେରିଯାଇ ମହିଳାଟିର ଚରିତ୍ର ହନନ କରିବାରେ ଲାଗି ପଡନ୍ତି । ବିଚାରୀ ନିଜର ଉନ୍ନତ ବଂଚେଇ କର୍ମସ୍ଥଳୀ ତ୍ୟାଗକରେ । ଏଠାରେ ଅପରାଧଟା ହେଲା - ସେ ଜଣେ ମହିଳା । ମିଛସାକ୍ଷୀ ଯୋଗାଡକରି ପରିସ୍ଥିତିକୁ ଏପରି ଗୋଳିଆ କରିଦିଆଯାଏ ଯେ ନିଜପାଇଁ ନିଜେ ସଫେଇ ଦେବାର ଯୁ ନଥାଏ । କର୍ମକ୍ଷେତ୍ରର ସ୍ଥିତି କିଭଳି ଥାଏ ତାହା ଲୋକ ଲୋଚନକୁ ମଧ୍ୟ ଆଣି ପାରନ୍ତିନାହିଁ । ସେ ଅନ୍ୟମାନଙ୍କର ଖବର ଦୁନିଆକୁ ଜଣାଇବ କେବଳ ନିଜ ଖବରକୁ ଛାଡି । ତାଙ୍କ ଧର୍ଯ୍ୟର ପରୀକ୍ଷା ସମସ୍ତେ ନେବେ ହେଲେ ସେ କେବେବି ଅଧୈର୍ଯ୍ୟ ହେଲାଭଳି କୌଣସି କାର୍ଯ୍ୟ କରିପାରିବେନି । ଅନେକ ସମୟରେ ସେ ନିନ୍ଦା ସହିବେ ହେଲେ ସେ କେବେବି ନିଜ ମୁହଁ ଖୋଲି ପ୍ରତିବାଦ କରି ପାରିବେନି କାରଣ ସେ ଜଣେ ମହିଳା ତାଙ୍କର ସହିବାର ଶକ୍ତି ଅଧିକ କହିବାର ଶକ୍ତି କମ । ସେ ଅନ୍ୟ ବିଷୟରେ ଲମ୍ବା ଲମ୍ବା କାହାଣୀ ଲେଖିଦେବେ ହେଲେ ନିଜ ବିଷୟରେ ଗୋଟେ ଛୋଟ କାହାଣୀ ମଧ୍ୟ ଲେଖି ପାରିବେନି । ତେବେ ଏକଥା କାହାକୁ କହିବା କିଏ ସେ ଶୁଣିବ । ଯଦି ମହିଳାଙ୍କ ସୁରକ୍ଷା କଥା ଉଠୁଛି ତେବେ ମହିଳା ସାମ୍ବାଦିକା ମାନଙ୍କୁ ଥରେ ପଚାରି ଦେବା ଉଚିତ ଯେ, ସେମାନେ ନିଜ କର୍ମକ୍ଷେତ୍ରରେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ତ ! ରାତି ବାରଟା ପରେ ନିଜର ଡ୍ୟୁଟି ସରୁନାହିଁ ତ ! ଯଦି ସେମାନେ ନିଜେ ସୁରକ୍ଷିତ ନୁହଁନ୍ତି ତାହାଲେ କିପରି ଅନ୍ୟ ମହିଳାଙ୍କ ଭାବନାକୁ ଲେଖିପାରୁଛନ୍ତି ! ଆଉ ସେହି ପ୍ରଶ୍ନ ଗୁଡିକ ଭିତରେ ଅନେକ ଉତ୍ତର ଲୁଚି ରହିଥାଏ ଯେଉଁ ଉତ୍ତର ପାଇ ମନ ମଧ୍ୟ ମନକୁ କହିଦିଏ ଏତେ ପ୍ରଶ୍ନର ଉତ୍ତର ନାହିଁ । ଏଭଳି ଅତ୍ୟାଚାର ସହିବା ଜଣେ ସାମ୍ବାଦିକା ପାଇଁ ବହୁତ କଷ୍ଟକର ହୋଇଥାଏ । ଯେପରିକି ବିନା କାରଣରେ ୱାଚଡଗ୍ ମଧ୍ୟରୁ କିଛି ଡଗଙ୍କର ଭୋକିବା ଅଭ୍ୟାସ ଅଛି । ଏମାନଙ୍କୁ ଦେଖି ଦେଖି ମୁଣ୍ଡ ବିନ୍ଧା ଆରମ୍ଭ ହୋଇଗଲାଭଳି ଲାଗିଥାଏ । କେବେକେବେ ମାନସିକ ଅତ୍ୟାଚାରର ସୀମା ଟପିଯାଇଥାଏ । ସାମ୍ବାଦିକତା କ୍ଷେତ୍ରରେ ଆଜିବି ଅନେକ ନାରୀ କିଛି ହିଂସ୍ର ଜନ୍ତୁଙ୍କ ଠାରୁ ଆହୁରି ଭୟଙ୍କର ଲୋକଙ୍କ ସାମ୍ନା ପ୍ରତ୍ୟେକ ଦିନ କରୁଛନ୍ତି । କେତେକ ସମ୍ବାଦ ସଂସ୍ଥାର ଏହି ହିଂସ୍ରଜନ୍ତୁ ସଦୃଶ ସାମ୍ବାଦିକ ମାନେ କାହାର ଜୀବନ ନେବେନି ସତ କିନ୍ତୁ ବଂଚିବାକୁ ବି ଦେବେନି । ପ୍ରଭୁତ୍ୱ ଜାହିର ପାଇଁ ଏମାନେ କିଛିବି କରିପାରନ୍ତି । ଏମାନେ କେବେ କାହାକୁ ହସେଇ ପାରିବେନି କିନ୍ତୁ ପ୍ରତ୍ୟେକ ଦିନ ନିଜ କର୍ମକ୍ଷେତ୍ରକୁ ଯାଉଥିବା ସାମ୍ବାଦିକାକୁ ସେହି ଡେସ୍କ ଉପରେ କିପରି କନ୍ଦେଇବେ ତାହାର ଷଡଯନ୍ତ୍ର ନିହାତି କରିଥିବେ କାରଣ ଏମାନଙ୍କ ମଧ୍ୟରେ କିଛି ପୁରୁଷ ଆଉ କିଛି ମହିଳା ଥାଆନ୍ତି । ଯେଉଁମାନେ କି ମିଳିତ ଭାବରେ ଅନ୍ୟର କାମକୁ ଜଗିକି ବସିଥାଆନ୍ତି । ଏମାନଙ୍କ କାମକୁ କେହି ଜଗିବେନି କିନ୍ତୁ ଏମାନେ ଅନ୍ୟର କାମକୁ ଜଗିକି ବସିଥିବେ । ସତ କହିବାକୁ ଗଲେ ଆଜିର ଦିନରେ ଜଣେ ମହିଳା ହିଁ ଆଉ ଜଣେ ମହିଳାର ଶତ୍ରୁ ହୋଇଥାଏ କିନ୍ତୁ ସବୁ ମହିଳା ସମାନ ନଥାନ୍ତି । କି ସବୁ ମହିଳା ଅନ୍ୟ ମହିଳା ମାନଙ୍କୁ କର୍ମସ୍ଥଳରେ କେମିତି ହଇରାଣ କରିବେ ତାହାର ଷଡଯନ୍ତ୍ର କରିନଥାଆନ୍ତି କି ସେହି ଷଡଯନ୍ତ୍ରକାରୀ କିଛି ମହିଳା ଓ କିଛି ପୁରୁଷଙ୍କ ସହ ସାମିଲ ହୋଇନଥାନ୍ତି କିନ୍ତୁ କିଛି ଗୋଡ଼ଟଣା ସାମ୍ବାଦିକ ଆଉ କିଛି ଗୋଡ଼ଟଣା ସାମ୍ବାଦିକା ମାନେ ଭୁଲ ନଥିଲେବି କମା କିମ୍ବା ପୂର୍ଣ୍ଣଛେଦଟିଏକୁ ନେଇ କନ୍ଦେଇ ଦେଇଥାଆନ୍ତି । ଆଉ ସତ ଜଣା ପଡିଲେ ଅନ୍ୟକୁ ବୁଝେଇ ଦେଇ ନିଜକୁ ସାଧୁ ବୋଲି କହିଦେଇଥାଆନ୍ତି । ତେବେ ଯେଉଁ ମହିଳା ସାମ୍ବାଦିକାମାନେ ପ୍ରତିଦିନ ନିଜ କର୍ମକ୍ଷେତ୍ରକୁ ଧାଇଁ ଆସି ନିଷ୍ଠାରସହ କାର୍ଯ୍ୟ କରୁଛନ୍ତି ସେମାନଙ୍କ କର୍ମକୁ ସମ୍ମାନ ଜଣାନ୍ତୁ । ସବୁ ସମ୍ବାଦସଂସ୍ଥା ଏକାପରି ନୁହଁନ୍ତି । କାହାର ଯଦି କିଛି ଲେଖାରେ କିଛି ପୁରୁଷ ବନ୍ଧୁମାନେ ଏବଂ କିଛି ମହିଳା ବନ୍ଧୁମାନେ ଭୁଲ ଦେଖୁଛନ୍ତି ତାକୁ ସଂଶୋଧନ କରିଦିଅନ୍ତୁ କିନ୍ତୁ ତାଙ୍କ ଲେଖାକୁ ବଦଳାଇ ତାଙ୍କୁ ଅପମାନିତ କରନ୍ତୁନି । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ପୁରୁଷ ଓ ମହିଳା । ପୁଅଙ୍କୁ ଯେତିକି ସ୍ୱାଧୀନତା ମିଳିଛି ଝିଅଙ୍କୁ ମଧ୍ୟ ସେତିକି ସ୍ୱାଧୀନତା ମିଳିଛି । ହେଲେ ଏହି ସାମ୍ବାଦିକତା କ୍ଷେତ୍ରରେ ଝିଅଙ୍କ ସ୍ୱାଧୀନତାରୁ କିଛି ଅଂଶ କିଛି ମହିଳା ଓ କିଛି ପୁରୁଷ ଛଡାଇ ନେଉଛନ୍ତି । ଏହାର ପ୍ରମୁଖ କାରଣ ହେଉଛି ଇର୍ଷାଭାବ । ଜଣେ ଉପରକୁ ଉଠିଲେ ଆଉ ଜଣେ ଗୋଡ଼ ଟାଣିବାକୁ ଅନେଇ ରହିବା ଏକ ସାମାଜିକ ଅପରାଧ । ସେଥିପାଇଁ ସାମ୍ବାଦିକତା କ୍ଷେତ୍ରରେ କିଛି ମହିଳା ବେଶି ଅତ୍ୟାଚାରୀତ ହେଉଛନ୍ତି । ଶେଷ କଥା ତ ନୁହେଁ, କଥା ଶେଷରେ ଏତିକି କହିବି ଯେ, ସାମ୍ବାଦିକତା ବୃତ୍ତିରେ ଥିବା ମହିଳାମାନେ ଗୋପନୀୟ ଭାବେ ସଙ୍ଗଠନଟିଏ କରନ୍ତୁ ଆଉ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଲିପିବଦ୍ଧକରି ରଖନ୍ତୁ । ଗୋପନୀୟତା ରକ୍ଷା ଏଥିପାଇଁ ଜରୁରୀ ଯେ - ବୋମାଟିଏ ଗୋପନୀୟ ଭାବରେ ତିଆରି ହୁଏ ଫୁଟିଲେ ସମସ୍ତେ ଜାଣିବେ । ଠିକ ସେହିପରି ଗୋପନୀୟ ଭାବେ ସଙ୍ଗଠନଟିଏ କଲେ ହୁଏତ ପ୍ରତ୍ୟେକ ମହିଳା ସାମ୍ବାଦିକତା କ୍ଷେତ୍ରରେ ସୁରକ୍ଷିତ ଭାବରେ କାମ କରିପାରିବେ କାରଣ ନାଲି ଆଖି ଦେଖାଉଥିବା ଲୋକଙ୍କର ଆଖିରେ କେବଳ ଭୟ ରହିବ ଆଉ ସର୍ବୋଚ୍ଚ ଭାବରେ କାମ କରୁଥିବା ସାମ୍ବାଦିକାଙ୍କୁ ତାଙ୍କର ପ୍ରକୃତ ସ୍ଥାନ ମିଳିଯିବ ।

ଯୁବ ସାମ୍ବାଦିକା
୯୦୯୦୬୬୧୫୮୬
ଅନ୍ଧାରୁଆ, ଭୁବନେଶ୍ୱର

ମୂଲ୍ୟବୋଧ ଚେତନାର ଜନନେତା : ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ

।। ଡ଼ଃ.ଅରୁନ୍ଧତୀ ଦେବୀ ।।

ଓଡ଼ିଶାର ଅଦ୍ୱିତୀୟ ଜନନେତା ଓ ମୂଲ୍ୟବୋଧ ନୀତିନିଷ୍ଠ ଚେତନାର ମହାନ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ ହେଉଛନ୍ତି ଓଡ଼ିଶା ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ଜଣେ ପ୍ରମୁଖ ବ୍ୟକ୍ତିତ୍ୱ । ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୧୯୪୧ ମସିହା ସେ ସମୟର ଢେଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ । ୧୯୬୬ରେ ଏସସିବିରୁ ଏମବିବିଏସ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଢେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ । ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ । ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ । ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ । ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୯ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ ।

ଆଜି ଓଡ଼ିଶାରେ ବିଜେପିର ବିଜୟ ଯାତ୍ରାରେ ତାଙ୍କ ଅବଦାନ ଅବିସ୍ମରଣୀୟ । ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱରେ ଥିଲାବେଳେ ଓଡ଼ିଶାରେ ସେ ସମୟରେ ଜାତୀୟ ରାଜପଥ ମାତ୍ର ୧୬୦୦ କିଲୋମିଟର ପର୍ଯ୍ୟନ୍ତ ଥିଲା । ଦେବେନ୍ଦ୍ର ବାବୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଏହାକୁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଥିଲେ । ତାଙ୍କରି ମନ୍ତ୍ରୀତ୍ୱ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା । ଆଜି ଓଡ଼ିଶାରେ ଦ୍ରୁତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଯେଉଁ ବ୍ୟାପକ ପୁଞ୍ଜିନିବେଶ ଆସି ପାରୁଛି ଏହାର ପ୍ରମୁଖ ଶ୍ରେୟ ଡାକ୍ତର ଦେବେନ୍ଦ୍ର ବାବୁଙ୍କୁ ଦିଆଯିବ ।

ଓଡ଼ିଶାରେ ବିଜେପିର ସଙ୍ଗଠନକୁ ସେ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ କର୍ମୀଙ୍କ ସହ ସେ ନିଜକୁ ଏପରି ଯୋଡ଼ିଥିଲେ ଯେ ତାଙ୍କର ଏହି ସାଙ୍ଗଠନିକ କର୍ମକୁଶଳ ଦକ୍ଷତା ପାଇଁ କେନ୍ଦ୍ର ବିଜେପି ତାଙ୍କୁ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଭୂମିକା ଦେଇଛି । ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ । ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍‌ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି । ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ । ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍ । ପରିବର୍ତିନି ସଂସାରେ ମୃତଃ କୋବା ନ ଜାୟତେ ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ । ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ । ଗଲାବେଳେ କିଛି ନିଏ ନାହିଁ । କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ । ନିଜର ଇଛାର ବ୍ୟାପାର ବି ନୁହେଁ । କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ । ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା । ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର । ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର । ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଂଚିରହେ ସେହି କର୍ମରେ । ତେଣୁ କୁହାଯାଏ କର୍ମ ହିଁ ଭଗବାନ ।

ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି । ଏ କଥା ନୂଆ ନୁହେଁ । ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ । ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ । ସେହିପରି ଉଦାହରଣ ସ୍ତରରେ ପହଂଚିଥିବା ବ୍ୟକ୍ତି ସେଥିଲେ । ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ବଡ଼ ଶୁଭେଚ୍ଛୁ ଓ ମାର୍ଗଦର୍ଶକ ଥିଲେ । ସେ ଜଣେ ଦେବୋପମ ମହାନ ବ୍ୟକ୍ତିତ୍ୱ ଥିଲେ । ମୋର ସ୍ମୃତି ଭିତରେ ମନେପଡୁଛି ତାଙ୍କରି ସାହାଯ୍ୟ ଓ ପରାମର୍ଶ କ୍ରମେ ଏକଦା ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲି । ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଅନେକଥର ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ମଧ୍ୟ ପାଇଛି । ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି । ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତା ମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା ।

ଆନ୍ତର୍ଜାତୀୟ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ:୯୯୩୭୧୭୨୮୧୦

ଅବହେଳା ଓ ଭ୍ରାନ୍ତି

।। ଶ୍ରୀନିବାସ ମାନସିଂହ ।।

ଊନବିଂଶ ଶତାବ୍ଦୀରେ ପ୍ରକାଶିତ ଜେନ୍ ଅଷ୍ଟିନ୍ ଙ୍କ ଉପନ୍ୟାସ 'ଅହମିକା ଓ ଭ୍ରାନ୍ତି' (Pride and Prejudice) ସହିତ ଏହାର କିଛି ସମ୍ବନ୍ଧ ନାହିଁ । ତେବେ ଏତିକି କହିବି : ଅହମିକା ଠାରୁ ଅବହେଳା ଅନେକ ସମୟରେ ଅଧିକ ଘାତକ ସିଦ୍ଧ ହୋଇଥାଏ । ଉପେକ୍ଷା ଓ ଅବହେଳାର ଶିକାର ହେଲେ ଯେମିତି ନିଷ୍ପାପ ଦେବଶିଶୁଟିଏ ବି ଅନ୍ଧଗଳିରେ ବାଟବଣା ହୋଇଯାଏ ; ଆଉ ଯେଉଁଭଳି କାମ୍ବୋଡିଆର ସହସ୍ର ବର୍ଷର ଐତିହ୍ୟ , ଐଶ୍ୱର୍ଯ୍ୟ ଅରଣ୍ୟ ତଳେ ଢାକିଯାଇ ଆଜିର ଆଙ୍କୋର ୱାଟ୍ ପାଲଟିଯାଏ, ଠିକ୍ ସେଇଭଳି ବର୍ତ୍ତମାନର ଗୋଟାଏ ଅଧେ ବିଷୟକୁ ନେଇ ଏ ଚର୍ଚ୍ଚା । ଏବେ ଏଇ ମାର୍ଚ୍ଚ ମାସର କ୍ୟାଲେଣ୍ଡରଟି ଓଲଟି ଏପ୍ରିଲ ହେବା ଭିତରେ ଆମେ ଦୁଇ ଦୁଇଟି ବଡ଼ ଐତିହାସିକ ଦିବସ ପାଳନ କରିବା । ସେଇ ସ୍ମୃତିରେ କେତେଥର ଶଙ୍ଖ ଫୁଙ୍କା ହୋଇଯିବ ଓ ତା'ପରେ ଆଉ ବର୍ଷ ଟିଏ ବିତିଯିବ ଗଭୀର ସୁଷୁପ୍ତି ଭିତରେ ପୁଣି ଆସନ୍ତା ବର୍ଷ ଜେଇ ଘଡ଼ି ଦେଇଁ ଆଉଥରେ ଶଙ୍ଖ ଫୁଙ୍କିବା ପର୍ଯ୍ୟନ୍ତ । ୧) ପ୍ରଥମଟି ହେଲା ଚୈତ୍ର ଶୁକ୍ଳ ପ୍ରତିପଦା, 'ବର୍ଷ ପ୍ରତିପଦା' ବା 'ହିନ୍ଦୁ ନବବର୍ଷ', ଯାହା ଏ ବର୍ଷ ମାର୍ଚ୍ଚ ୩୦ ତାରିଖରେ ପଡୁଛି । ଆମ ତିଥି ମାନଙ୍କର ବୈଶିଷ୍ଟ୍ୟ ଯଦି ଆମେ ବିଚାରକୁ ନେଉଥାଉ ତାହେଲେ, ଏଇ ତିଥିଟି ସମସ୍ତ ତିଥି ମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଶାସ୍ତ୍ର ଅନୁସାରେ : ବ୍ରହ୍ମାଙ୍କ ସୃଷ୍ଟି ରଚନାର ଏହା ହିଁ ହେଉଛି ପ୍ରାରମ୍ଭ ଦିବସ । କାଳ ଗଣନା ଏହି ଦିନରୁ ଆରମ୍ଭ ହୋଇଛି । ଏହି ତିଥିର ମହତ୍ତ୍ୱ କାଳେ କାଳେ କାହ୍ନୁଲ୍ୟମାନ ରହିଆସିଛି । ସେଇଥିପାଇଁ ତ୍ରେତୟା ଯୁଗରେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଦ୍ୱାପର ଯୁଗରେ ଧର୍ମରାଜ ଯୁଧିଷ୍ଠିର ନିଜ ନିଜର ସିଂହାସନ ଆରୋହଣ ପାଇଁ ଏହି ତିଥିଟିକୁ ହିଁ ବାଛିଥିଲେ । କେବଳ ସେତିକି ନୁହେଁ , ସମ୍ରାଟ ବିକ୍ରମାଦିତ୍ୟ ମଧ୍ୟ ନିଜର ରାଜ୍ୟାଭିଷେକ ଏହି ତିଥିରେ ସମ୍ପର୍ଣ୍ଣକରି ବିକ୍ରମାବ୍ଦ ର ପ୍ରଚଳନ କରିଥିଲେ । ନିକଟ ଅତୀତରେ ବେଦ ଉଦ୍ଧାରକ ମହର୍ଷି ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟ ସମାଜ' ର ପ୍ରତିଷ୍ଠା ପାଇଁ ମଧ୍ୟ ଏହି ତିଥି ଟିକୁ ବରଣ କରିଥିଲେ । ସେଇଥି ପାଇଁ ଏବର୍ଷ ମାର୍ଚ୍ଚ ୩୦ ତେଇଁ ୩୧ ହେବାମାତ୍ରେ କ୍ୟାଲେଣ୍ଡର ରେ କଲ୍ୟାବ୍ଦୀତାଇ ବା ଯୁଗାବ୍ଦ ୫୧୨୫ରୁ ୫୧୨୬ ହୋଇଯିବ ଓ ସମ୍ବତ୍ ବା ବିକ୍ରମ ସମ୍ବତ ହେବ ୨୦୮୧ରୁ ୨୦୮୨ । ହଜାର ହଜାର ବର୍ଷଧରି ଏହି କାଳ ଗଣନା ଆମ ଦେଶରେ ଚଳି ଆସିଛି ଓ ଏହା ଆମର ନିଜସ୍ୱ । ସମୟର ଆବଶ୍ୟକତା କୁ ଦୃଷ୍ଟିରେ ରଖି ନୂତନତା କୁ ଅପଣେଇବାରେ ଆପତ୍ତି ନାହିଁ , କିନ୍ତୁ ଆତ୍ମପରିଚୟକୁ ଜଳାଞ୍ଜଳି ଦେଇକରି କେବେ ନୁହେଁ । ପଡୋଶୀଘର ମାଉସୀଙ୍କୁ ସମ୍ମାନ କରିବା ବହୁତ ଭଲ, ସେଥିପାଇଁ ସାଧୁବାଦ । ହେଲେ, ଭ୍ରାନ୍ତିର ବଶବର୍ତ୍ତୀ ହୋଇ ପ୍ରତିବଦଳରେ ନିଜର ମାଆଙ୍କୁ ଚିରାକନା ପିନ୍ଧେଇ ବାଣ୍ଡରେ ବସେଇଦେଲେ , କେବଳ ଧିକ୍କାର ହିଁ ପ୍ରାପ୍ୟ ହେବ । ୨) ଠିକ୍ ସେମିତି ଏପ୍ରିଲ ୧ ତାରିଖ ଦିନ ପାଳନ ହେବ ଉତ୍କଳ ଦିବସ(୦୧.୦୪.୧୯୩୬) । ଓଡ଼ିଶା ପାଇଁ ୧୫୬୦ ରୁ ୧୯୩୬ ମସିହାର କାଳଖଣ୍ଡଟି ଇତିହାସର ଏକ ଅଭିଶପ୍ତ ଅଧ୍ୟାୟ । ଷୋଡ଼ଶ ଶତାବ୍ଦୀର ପୂର୍ବବର୍ତ୍ତୀ ହଜାର ହଜାର ବର୍ଷର ଇତିହାସରେ କିନ୍ତୁ ଏ ଭୂଖଣ୍ଡ ନିରବଚ୍ଛିନ୍ନ ଭାବରେ ନିଜର ଗୌରବ ଅକ୍ଷୁର୍ଣ୍ଣ ରଖିଥିଲା । ଏପରିକି କଳିଙ୍ଗ ଯୁଦ୍ଧରେ ମଧ୍ୟ ସମ୍ରାଟ ଅଶୋକ ଏହାର ଶକ୍ତିକୁ ସମ୍ପୂର୍ଣ୍ଣଭାବେ ପଦାନତ କରିପାରି ନାହାଁନ୍ତି । ଆଜି ବିନମ୍ରତାର ସହିତ ଏକ ଛୋଟିଆ ପ୍ରଶ୍ନ : ଉତ୍କଳ ଦିବସ ତ ଆମେ ପାଳନ କରୁଛେ ଓ କରିବା , କିନ୍ତୁ ଜଣେ ଓଡ଼ିଆ ଭାବରେ ଆମେ କେତେ ଗର୍ବିତ ଓ କେତେ ଦାୟିତ୍ୱଶୀଳ ବେଶି ନୁହେଁ, ଆଉ ମାତ୍ର ତିରିଶ ବର୍ଷ ପରେ ଓଡ଼ିଆ ଭାଷାର ସ୍ଥିତି ଓ ସ୍ୱରୂପ କେମିତି ହେବ ତାହା କେବଳ ଏଇ ଗୋଟିଏ ଦୁଇଟି କଥାରୁ ଜଣାପଡ଼ିଯିବ : ଆମର ପରବର୍ତ୍ତୀ ପ୍ରଥମ ପିଢ଼ି ରେ କେତେଜଣ ଓଡ଼ିଆରେ ଲେଖିପଢ଼ି ପାରନ୍ତି ?? ଆଉ ଦ୍ୱିତୀୟ ପିଢ଼ି ଟି ବିଷୟ ନକହିଲେ ଭଲ । ଷାଠିଏ ବୟସ ଛୁଇଁଥିବା, ସମସାମୟିକ ଆମେ ସମସ୍ତେ ଓଡ଼ିଆ ଲେଖି ପଢ଼ି ପାରୁଥିଲେ ମଧ୍ୟ ଏହାର ବ୍ୟବହାର ରେ ଆଜି ଆମର ଆନ୍ତରିକତା କେତେ ? ଏବେ ଆମେ ବ୍ୟବହାର କରୁ କି ଆମର ମାତୃଭାଷା କୁ ପଦେ କିଛି ଲେଖିଲା ବେଳକୁ, କାଗଜରେ ହେଉ ବା ମୋବାଇଲ୍ ରେ ?? ଆଉ ତିରିଶ ବର୍ଷ ପରେ ପିଲାମାନଙ୍କର ଆନ୍ତରିକତା ଯେଉଁ ସ୍ତରରେ ପହଂଚିଥିବ ସେଇଥିରୁ ହିଁ ଆମ ମାତୃଭାଷା ର ଭବିଷ୍ୟତ ଜକଜକ ଦିଶୁଛି ! ଏବର ବଡ଼ବଡ଼ ଲୋକମାନେ, ବିଲାତି ନୁହଁନ୍ତି , ଦେଶୀ ଓଡିଆ ସାହେବ ସାହେବାଣୀ ମାନେ , ତାଙ୍କ ଘରର କୁକୁର ସହିତ ବାଟ ଘାଟରେ ବି ଇଂରାଜୀ ରେ କଥାବାର୍ତ୍ତା କରନ୍ତି : 'ହା..ଉ.. ଟାଇଗର୍ , କମ୍ ହିଅର । ଗୁଡ୍ ବୟ । ସିଟ୍ ଡାଉନ୍ ....' ତେଣୁ , ସେମାନେ ପିଲାମାନଙ୍କ ସହିତ ଘରେ ଓଡ଼ିଆରେ କଥାବାର୍ତ୍ତା କରିବା ପ୍ରଶ୍ନ ବି ଉଠାଇବା ନାହିଁ । ଏବେକାର ପିଲାମାନଙ୍କ ଭିତରୁ ତପସ୍ୱିନୀ, ଚିଲିକା, ନୀଳଶୈଳ, ଛଅମାଣ ଆଠଗୁଣ୍ଠ କେତେଜଣ ପଢିଥିବେ ପଚାରିବି ନାହିଁ , କେବଳ ପଚାରିବି, ସେମାନଙ୍କ ଭିତରୁ କେତେଜଣ ଗୋଟିଏ ଲେଖାଏଁ ଧାଡ଼ି ମାତ୍ର କହି ପାରିବେ ସାରଳା ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ରାଧାନାଥ ରାୟ, ଗଙ୍ଗାଧର ମେହେର କି ଗୋଦାବରୀଶ ମହାପାତ୍ରଙ୍କ ଉପରେ ! ଆମ ପିଲାମାନେ କେବେ ବି ଥରେ ସଂଯୁକ୍ତା ପାଣିଗ୍ରାହୀ, ସୁନନ୍ଦା ପଟ୍ଟନାୟକ, ବାଳକୃଷ୍ଣ ଦାଶ,ରଘୁନାଥ ପାଣିଗ୍ରାହୀ, ଗୁରୁ କେଳୁଚରଣ ଙ୍କ ବିଷୟରେ ଶୁଣିବାର ଅବସର ପାଉଛନ୍ତି କି ? ଆମେ କେବେ ସୁଯୋଗ ଦେଉଛେ ଆମରି ପିଲାଙ୍କୁ , ଗଜପତି କୃଷ୍ଣଚନ୍ଦ୍ର ଦେବ, ବୀର ସୁରେନ୍ଦ୍ର ସାଏ , ମଧୁ ବାବୁ, ଉତ୍କଳମଣି କିମ୍ବା ପଠାଣି ସାମନ୍ତ ଙ୍କ ବିଷୟରେ ଜାଣିବା ପାଇଁ ! ! ମାତ୍ର ଅଳ୍ପକିଛି ମହାପୁରୁଷଙ୍କ ନାମ ଉଲ୍ଲେଖ କରିଛି, ସେହିପରି ଶହଶହ ପ୍ରାତଃ ସ୍ମରଣୀୟ ଙ୍କୁ ଜନ୍ମ ଦେଇଛି ରତ୍ନଗର୍ଭା ଏଇ ମାଟି । ସ୍ୱାଧୀନତା ପରେ, ପଚାଶ ,ଷାଠିଏ ଓ ସତୁରୀ ଦଶକରେ ଜନ୍ମ ନେଇଥିବା ଆମ ଭିତରୁ ପ୍ରାୟ ସମସ୍ତଙ୍କର ଆତ୍ମ ସମୀକ୍ଷାର ସମୟ ହୁଏତ ଆସିଛି , ତାହାହେଲା : ବର୍ତ୍ତମାନର ଏ ବିକଟ ପରିସ୍ଥିତି ପାଇଁ ଆମର ଅବଦାନ କେତେ, ତା'ର ଆକଳନ କରିବା ; ତାହା ପୁଣି ନିରପେକ୍ଷ ଭାବରେ । ଏଠି ସରକାର କିମ୍ବା ବ୍ୟବସ୍ଥା ଆଡ଼କୁ ଆଙ୍ଗୁଳି ଦେଖାଇବା ଚଳିବ ନାହିଁ !! ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ନିଜର ତନ ମନ ଧନ ସମର୍ପଣ କରିଥିବା ସେନାପତି ମାନେ ସେତେବେଳେ ଏ ଜାତିର ଦୁର୍ଗତି ଦେଖି ଗାଇଥିଲେ ....' ମାଆ ମାଆ ବୋଲି କେତେ ମୁଁ ଡାକିଲି ମାଆ କୁ ପାଇଲି ନାହିଁ କାରଣ ସେତେବେଳେ ଓଡ଼ିଆ ର ସ୍ୱତନ୍ତ୍ର ପରିଚୟ କିଛି ନଥିଲା । ସବୁକିଛି ହଜି ଯାଇଥିଲା । ସେହି ଯୋଦ୍ଧାମାନଙ୍କ ବଳିଦାନରୁ ଆମେ ଆମର ହୃତ ପରିଚୟ ଫେରି ପାଇଲେ, ଜୀବନଦାନ ପାଇଲା ସ୍ୱତନ୍ତ୍ର ଓଡ଼ିଶା । ହେଲେ, ଶହେଟି ବର୍ଷ ବି ନପୂରୁଣୁ ପୁଣି ଦେଖାଦେଲାଣି ସେଇ ଏକା ସମସ୍ୟା । ଯଦି ଯତ୍ନ ନ ନିଆଯାଏ, ତେବେ ନିଜର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ...ଭିତରେ ନିହିତ ଅପାର ଐଶ୍ୱର୍ଯ୍ୟ ର ଜ୍ୟୋତିପିଣ୍ଡ କୁ ଜାଣିନପାରି ଆମର ଦାୟାଦ ମାନେ ସ୍ୱପରିଚୟବିହୀନ ହୋଇ ସାମାନ୍ୟ ଜୁଳୁଜୁଳିଆ ପୋକଙ୍କ ଗହଣରେ ବି ଝାଉଁଳି ପଡି ମୁହଁ ଲୁଚେଇ ରହିବେ !ସମୟ ଅତିକ୍ରାନ୍ତ ହୋଇଯାଉଥିଲେ ବି ପୁରାପୁରି ଅନ୍ଧକାର ହୋଇନାହିଁ । ଏବେ ବି ପ୍ରାୟଶ୍ଚିତ କରିବାର ଅବସର ରହିଛି ।

ଖଣ୍ଡଗିରିବାରୀ, ଘାଟିକିଆ,
ଖଣ୍ଡଗିରି,ଭୁବନେଶ୍ୱର-୩୦
ମୋ-୮୯୭୧୭୦୬୭୯୦

ସିବିଏସଇ ପରୀକ୍ଷାରେ ଅନନ୍ୟ ସଫଳତା ପାଇଁ ଟିନାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ପୁରୀ, ୧୭/୦୪(ଆ.ପ୍ର) : ଚଳିତ ବର୍ଷର ପ୍ରକାଶିତ ସିବିଏସଇ ଦଶମ ପରୀକ୍ଷା ଫଳରେ ପୁରୀ ଜିଲ୍ଲା ଉତ୍କର୍ଷତା ଦେଖାଇ ସାରା ରାଜ୍ୟ ରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହୋଇଅଛି । ପୁରୀ ଜିଲ୍ଲା ମଦର୍ସ ପବ୍ଲିକ ସ୍କୁଲ, ଗୋପ୍ରଆଳର ଛାତ୍ରୀ ଟିନା ରଥ ଶତ ପ୍ରତିଶତ (୫୦୦ରୁ ୫୦୦) ନମ୍ବର ରଖି ରାଜ୍ୟ ତଥା ଦେଶରେ ପୁରୀ ଜିଲ୍ଲାର ନାମକୁ ନମ୍ବର ୧ ରେ ପ୍ରତିପାଦନ କରିଛନ୍ତି । ଏହି ଉତ୍କର୍ଷତା ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଛାତ୍ରୀ ଟିନାଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ମାତା ରେଣୁପ୍ରଭା ଦାଶ ଓ ପିତା ସମୀର କୁମାର ରଥ ଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଶାସନ ସଚିବ ଏନ ତିରୁମାଲା ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଉପସ୍ଥିତ ଥିଲେ । ଏହି ଉତ୍କର୍ଷତା ପାଇଁ ପୁରୀ ଜିଲ୍ଲାର ନାମ ଉଜ୍ଜ୍ୱଳ ଥିବାରୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅଭିନନ୍ଦନ ଦେବା ସହିତ ଛାତ୍ରୀ ଟିନାର ଭବିଷ୍ୟତ ଉତ୍ତୋରୋତ୍ତର ଉନ୍ନତି କାମନା କରିଛନ୍ତି ।

ବ୍ଲକସ୍ତରୀୟ ମହିଳା ଆଇନ୍ ସଚେତନତା କାର୍ଯ୍ୟକ୍ରମ
ମହିଳା ଓ କନ୍ୟାମାନଙ୍କ ଅଧିକାର ଏବଂ ଯୌନ ଉତ୍ପୀଡ଼ନ ପ୍ରତିରୋଧ ଉପରେ ଆଲୋଚନା

ରାୟଗଡ଼, ୧୭/୦୪(ଆ.ପ୍ର) : ରାୟଗଡ଼ରେ ବ୍ଲକ୍ ସ୍ତରୀୟ ମହିଳା ଆଇନ୍ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ପରିଷଦ୍ ସଭ୍ୟା ପଦ୍ମାବତୀ ମାଡ଼ିଙ୍ଗା ଓ ସନ୍ଧ୍ୟା ପୁଳକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ ଓଏଲଏମ , ମୁଖ୍ୟ ବକ୍ତା ପ୍ରଭୃତି ପାତ୍ର, ଅନ୍ୟତମ ବକ୍ତା ଶାନ୍ତିଲତା ମିଶ୍ର, ସିଡିପିଓମାନେ, ଆଶା କର୍ମୀ, ଛାତ୍ରୀ, ଶିକ୍ଷକମାନଙ୍କ ସମେତ ବିଭିନ୍ନ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟସଭାରେ ମହିଳା ଓ କନ୍ୟାମାନଙ୍କର ଅଧିକାର, ଶିଶୁ ସୁରକ୍ଷା , ବିବାହ–ପରିବାର କାନୁନ (ସହିତ ଯୋତୁକ / ବାଲ ନିଷେଧ), ଭୂମି–ଜମି ବିବାଦ, ଗର୍ଭାଶୟରେ କନ୍ୟା ଭ୍ରୂଣ ହତ୍ୟା (ଫିମେଲ୍ ଫୋଟିସାଇଡ), ଆଇଟି ଓ ସୋସିଆଲ୍ ମିଡିଆରେ ଉତ୍ପୀଡ଼ନ, କର୍ମକ୍ଷେତ୍ର, ବିଦ୍ୟାଳୟ, ରାସ୍ତା ସହ ଅନ୍ୟାନ୍ୟ ସ୍ଥାନରେ ମହିଳାଙ୍କ ଉପରେ ଯୌନ ଉତ୍ପୀଡ଼ନ ପରି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଓ ମୁଖ୍ୟ ବକ୍ତା ଶ୍ରୀମତୀ ପ୍ରଭୃତି ପାତ୍ର କହିଲେ ଯେ, ଆଜିର କାର୍ଯ୍ୟାଳୟ, ବିଦ୍ୟାଳୟ, କଲେଜ, ରାସ୍ତା, ବସ୍ ଷ୍ଟାଣ୍ଡ, ଯାତ୍ରାଯାନ ଓ ଅନ୍ୟାନ୍ୟ ଜନାକୀର୍ଣ୍ଣ ସ୍ଥାନରେ ମହିଳା ଓ କନ୍ୟାମାନେ ଅନେକ ସମୟରେ ଯୌନ ଉତ୍ପୀଡ଼ନ, ଅଶ୍ଳୀଳ ମନ୍ତବ୍ୟ, ଉଲ୍ଲଙ୍ଘନ ଓ ମାନସିକ ଦମନର ଶିକାର ହେଉଛନ୍ତି । ଏହା କେବଳ କର୍ମଜଗତ କିମ୍ବା ବିଦ୍ୟାଳୟ ପରିସରରେ ସୀମିତ ନୁହେଁ, ଗାଁ–ଗଣ୍ଡା ଓ ପରିବାରରେ ଯୋତୁକ / ବାଲ ହିଂସା ଓ ଗର୍ଭାଶୟରେ କନ୍ୟା ଭ୍ରୂଣ ହତ୍ୟା ଭଳି ଅପରାଧ ବଢ଼ିଚାଲିଛି । ଆଇନଗତ ଜ୍ଞାନ ଅଭାବରୁ ଅନେକ ମହିଳା ଓ କନ୍ୟାମାନେ ନୀରବରେ ଦୁଃଖ ସହିଯାଉଛନ୍ତି, କାରଣ ସେମାନେ ଜାଣନ୍ତି ନାହିଁ କିପରି ଆଇନ୍ ଆଶ୍ରୟରେ ନିଜ ଅଧିକାର ସାବ୍ୟସ୍ତ କରିବେ । ଉପସ୍ଥିତ ସମସ୍ତ ବକ୍ତାମାନେ ନିଜ ବକ୍ତବ୍ୟରେ କହିଲେ ଯେ, ଯୌନ ଉତ୍ପୀଡ଼ନ କେବଳ ନୈତିକ ଅପରାଧ ନୁହେଁ, ଏହା ଗମ୍ଭୀର ଆଇନଗତ ଅପରାଧ । ଏହା ପ୍ରତିରୋଧ ପାଇଁ ପୋଲିସ, ମହିଳା କମିଶନ, ମେଡିକାଲ୍ ଅଧିକାରୀ, ଶିକ୍ଷାବିତ୍ ଓ ସ୍ଥାନୀୟ ପ୍ରଶାସନର ସହଯୋଗ ଆବଶ୍ୟକ । ଆଇପିସି ଧାରା, ମହିଳା ସଂରକ୍ଷଣ କାନୁନ, POCSO, ଯୌନ ଉତ୍ପୀଡ଼ନ ନିରୋଧକ ନିୟମ, ଯୋତୁକ ନିଷେଧ ଆଇନ ଓ PC-PNDT ଆଇନ୍ (ଗର୍ଭାଶୟରେ କନ୍ୟା ଭ୍ରୂଣ ହତ୍ୟା ପ୍ରତିରୋଧ ପାଇଁ) ସମ୍ବନ୍ଧରେ ସରଳ ଭାଷାରେ ଜଣାଯାଇଛି । ଯୌନ ଉତ୍ପୀଡ଼ନରେ ଶାରୀରିକ ଯୋଗାଯୋଗ ପେଖାସ୍ତା ଅଶ୍ଳୀଳ ଭିଡିଓ, ମେସେଜ୍, ମନ୍ତବ୍ୟ, ହରାସମେଣ୍ଟ ଓ ମାନସିକ ଦମନ ମଧ୍ୟ ଆଇନଗତ ଅପରାଧ । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଓ କନ୍ୟାମାନଙ୍କୁ ଧୈର୍ଯ୍ୟ ଓ ସାହସ ଦେଇ କୁହାଯାଇଥିଲା ଯେ, ଯଦି ଯୌନ ଉତ୍ପୀଡ଼ନ, ଯୋତୁକ କିମ୍ବା ଅନ୍ୟ ଶୋଷଣର ଶିକାର ହୁଅନ୍ତି, ତେବେ ନୀରବରେ ସହିବା ବଦଳରେ ନିଜକୁ ସୁରକ୍ଷିତ କରି, ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି, ଆତ୍ମୀୟ କିମ୍ବା କର୍ମକର୍ତ୍ତାଙ୍କୁ ଜଣାଇ, ଆବଶ୍ୟକ ପୋଲିସ, ମହିଳା କମିଶନ କିମ୍ବା ହେଲ୍ପଲାଇନ୍‌ରେ ଯୋଗାଯୋଗ କରିବା ଉଚିତ୍ । ଯୌନ ଉତ୍ପୀଡ଼ନକୁ ନୀରବତା ନୁହେଁ, ଆଇନଗତ ପଦକ୍ଷେପ ଦ୍ୱାରା ରୋକାଯାଇପାରିବ । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ସଂଯୋଜକ ସଂଙ୍କର୍ଷ ହବ ବିବାକର ପରିଛା ପରିଚାଳନା କରିଥିଲେ ।

ଏନ୍‌ସିଆର୍‌ଓ ନୟୀଡାରେ ଶ୍ରମିକ ନେତାଙ୍କ ଗିରଫଦାରି ବନ୍ଦ କରିବା ଦାବୀରେ ପ୍ରତିବାଦ

ଖୋର୍ଦ୍ଧା/ଭୁବନେଶ୍ୱର, ୧୭/୦୪(ଆ.ପ୍ର) : ନୂଆଦିଲ୍ଲୀ ଏବଂ ଏହାର ଆଖପାଖ ଅଂଚଳରେ (ଘରଜ) ଆନ୍ଦୋଳନରତ ଶ୍ରମିକମାନଙ୍କ ସମର୍ଥନରେ ଏବଂ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ AICCTU ଓ tucc ପକ୍ଷରୁ ଦିଆଯାଇଥିବା ଆହ୍ୱାନର ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗ ଠାରେ ଦେଶ ବ୍ୟାପି ପ୍ରତିବାଦ ଦିବସ ପାଳନ କରାଯାଉଛି । ମୋଦୀ ସରକାରଙ୍କ କର୍ପୋରେଟ୍ ଅନୁକୂଳ ନୀତି ଏବଂ ଦିଲ୍ଲୀ-ଏନସିଆର ଅଂଚଳର କାରଖାନା ମାଲିକମାନଙ୍କ ଅହେତୁକ ମୁନାଫା ଖୋର ମନୋଭାବ ଯୋଗୁଁ ନୋଏଡା, ମାନେସର, ଫରିଦାବାଦ ଏବଂ ଅନ୍ୟାନ୍ୟ ଅଂଚଳରେ ଶ୍ରମିକ ଅସନ୍ତୋଷ ତେଜିବାରେ ଲାଗିଛି । ଶ୍ରମିକମାନଙ୍କର ଦୀର୍ଘ ଦିନର ଦାବିକୁ କେବଳ ଅଣଦେଖା କରାଯାଇ ନାହିଁ, ବରଂ କାରଖାନା ମାଲିକ ଏବଂ ସରକାରୀ କଳର ମଧୁଚନ୍ଦ୍ରିକା ଯୋଗୁଁ ପ୍ରତିବାଦ କରୁଥିବା ଶ୍ରମିକମାନଙ୍କୁ ବାରମ୍ବାର ଦଣ୍ଡିତ କରାଯାଉଛି । ଏଲପିଜି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାର ଓ ମଜୁରୀ ପାଇଁ ସ୍ୱର ଉତ୍ତୋଳନ କରିବାକୁ ବାଧ କରିଛି, ଅନ୍ୟଥା ସେମାନଙ୍କୁ ଭୋକିଲା ରହିବାକୁ ପଡ଼ିବ । ଦିଲ୍ଲୀ-ଏନସିଆରର ଆନ୍ଦୋଳନରତ ଶ୍ରମିକମାନଙ୍କ ସହ ସହମତି ପ୍ରକାଶ କରି ଏଆଇସିସିଟିୟୁ ରାଜ୍ୟ ସଂପାଦକ ମହେନ୍ଦ୍ର ପରିଡା, ଟିୟୁସିସିର ନେତା ଜ୍ୟୋତି ରଞ୍ଜନ ମହାପାତ୍ର, ଏଆଇସିସିଟିୟୁର ଉପସଭାପତି ବଂଶୀଧର ପରିଡା, ଟିୟୁସିସିର ନେତା କ୍ଷବଙ୍କ୍ଷସ ଦୋରା, ଆଲୋକ ମହାପତ୍ର, ବିଶ୍ୱଜିତ୍ ପଣ୍ଡା, ବିଜୟ ବେହେରା ସଫେଇ କର୍ମ ଚାରି ସଂଘ ନେତା ବନ ବିହାରି ଦାସ, ଚିତ୍ର ସେନ ସେଠୀ ଦାବିକରି କହିଛନ୍ତି ଯେ, ସମସ୍ତ ଆନ୍ଦୋଳନରତ ଶ୍ରମିକ ଏବଂ ୟୁନିଅନ୍ କର୍ମକର୍ତ୍ତାଙ୍କୁ ତୁରନ୍ତ ଖଲାସ କର, ଶ୍ରମିକ ଆନ୍ଦୋଳନ ଉପରେ ପୋଲିସ ନିର୍ଯାତନା ବନ୍ଦ କର । ଶୋଷଣମୂଳକ ସ୍ୱଳ୍ପ ମଜୁରୀ ବନ୍ଦ କର, ସର୍ବନିମ୍ନ ମାସିକ ମଜୁରୀ ୪୨,୦୦୦ ଟଙ୍କାକୁ ବୃଦ୍ଧି କର । ୧୨-ଘଂଟିଆ କାର୍ଯ୍ୟଦିବସକୁ ବିରୋଧ କରୁଛୁ । ଓଭରଟାଇମ୍ କାମ ପାଇଁ ଦ୍ୱିଗୁଣିତ ହାରରେ ଦେୟ ପ୍ରଦାନ ନିଶ୍ଚିତ କର, ସମସ୍ତ ଶ୍ରମିକଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଏବଂ ସାମାଜିକ ନିରାପତ୍ତା ନିଶ୍ଚିତ କର, ଚାରୋଟି ଶ୍ରମିକ ବିରୋଧୀ ଶ୍ରମ କୋଡ୍‌କୁ ରଦ୍ଦ କର, ଶୋଷଣମୂଳକ ଠିକାଦାରିକ ପ୍ରଥା ଏବଂ ନିର୍ଦ୍ଦିଷ୍ଟ ଅବଧି ନିଯୁକ୍ତି ବନ୍ଦ କର, ମଣିଷ ଅପେକ୍ଷା ମୁନାଫାକୁ ପ୍ରାଥମିକତା ଦେବା ବନ୍ଦ କର ।

୧୯ରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ବିବିଧ ପ୍ରତିଯୋଗିତା

ଜଗତସିଂହପୁର, ୧୭/୦୪(ଆ.ପ୍ର) : ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀ ସମାରୋହ ଉପଲକ୍ଷେ ବିବିଧ ପ୍ରତିଯୋଗିତା ଆସନ୍ତା ୧୯ ତାରିଖ ରବିବାର ସକାଳ ୮ ଘଟିକା ସମୟରେ ସ୍ଥାନୀୟ ବଦବକାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହେବ । ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ହାଇସ୍କୁଲ ସ୍ତରୀୟ ପ୍ରତିଯୋଗିତା ରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିପାରିବେ । ଉକ୍ତ ପ୍ରତିଯୋଗିତା ବକ୍ତୃତା, ସଙ୍ଗୀତ ଓ ଅଭିନୟ ଉପରେ କରାଯିବ । ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଥିବା ଛାତ୍ର ଛାତ୍ରୀ ମାନେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅନୁମତି ପତ୍ର ଆଣି ଆସିବେ । ତେବେ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଛାତ୍ର ଛାତ୍ରୀ ମାନେ ମୋବାଇଲ ନଂ ୭୮୪୯୦୩୧୮୩୮ରେ ଯୋଗାଯୋଗ କରିପାରିବେ ବୋଲି ସଭାପତି ଅଲେଖ ଚନ୍ଦ୍ର ବେହେରା ଓ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ପ୍ରକାଶ କରିଛନ୍ତି ।

ଝରିଗାଁ ଅଂଚଳରେ ବେଧଡକ ଚାଲିଛି ଖୁଡୁ ଖୁଡି ଜୁଆ ଖେଳ

ଝରିଗାଁ, ୧୭/୦୪(ଆ.ପ୍ର) : ବେଧଡକ ଚାଲିଛି ଖୁଡୁ ଖୁଡି ଜୁଆ ଖେଳ । ଝରିଗାଁ ବ୍ଲକର ବିଭିନ୍ନ ଅଂଚଳରେ ଯାତ୍ରା ହେଉକି ସାପ୍ତାହିକ ହାଟ ବେଧଡକ ଚାଲିଛି ଖୁଡୁ ଖୁଡି ଜୁଆ ଖେଳ । ଝରିଗାଁ ଉମରକୋଟ ମୁଖ୍ୟ ରାସ୍ତାର ଗୁରୁସୁଙ୍ଗା ପଂଚାୟତ ଅନ୍ତର୍ଗତ କୁସୁମୀ ଗ୍ରାମର ସାପ୍ତାହିକ ହାଟରେ ଗତ କିଛି ମାସ ହେବ ନିୟମିତ ଚାଲିଛି ଖୁଡୁ ଖୁଡି ଖେଳ । ଥାନା ଠାରୁ ପ୍ରାୟ ତିନି କିମି ଦୂରରେ ସାପ୍ତାହିକ ହାଟ ବସୁଥିବା ବେଳେ ପ୍ରତି ହାଟ ପାଳିରେ ଜୁଆ ଖେଳ ହେଉଛି । ଜୁଆ ଖେଳ ଆୟୋଜନ କରୁଥିବା ଦଲାଲ ମାନଙ୍କୁ ପୋଲିସ ପ୍ରଶାସନର ଭୟ ନାହିଁ । ଦିବା ଆଲୋକରେ ଜୁଆଖେଳ ପସରା ମେଲାଇ ଖେଳ କରୁଛନ୍ତି ଦଲାଲ । ପୋଲିସ ପ୍ରଶାସନର ନାକ ତଳେ ଚାଲି ରହିଛି ଜୁଆ ଖେଳ । ଚାଷ ଅମଳ ପରେ ବିଭିନ୍ନ ଗ୍ରାମରେ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ କମିଟିକୁ ଧରି ଛିଡା ପଡା କରି ଯାତ୍ରା ଅବସରରେ ଖୁଡୁ ଖୁଡି ଖେଳ ଆୟୋଜନ ହେଉଛି । ସେହିପରି ସାପ୍ତାହିକ ହାଟ ମଧ୍ୟରେ ଝରିଗାଁ ବ୍ଲକ ଏକାମ୍ବା ରବିବାର ଦିନ ବେଳଗାଁ ସାପ୍ତାହିକ ହାଟ ମଙ୍ଗଳବାର ଦିନ ଓ କୁସୁମୀ ଶୁକ୍ରବାର ଦିନ ଏପରି ଏକାଧିକ ସ୍ଥାନରେ ବେଧଡକ ଚାଲିଛି ଜୁଆ ଖେଳ । ପୋଲିସ ଜାଣିଶୁଣି ଖବର ପାଇ ମଧ୍ୟ ନୀରବ ରହିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ବେଳେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ସମାଜରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ଗରିବ ଖଟିଖିଆ ପରିବାର ଲୋକେ ଜୁଆ ଖେଳି ସର୍ବସ୍ୱାନ୍ତ ହେଉଛନ୍ତି । ନିଶାନିବାରଣ, ମଦ ମୁକ୍ତ ପାଇଁ ଲୋକେ ସଚେତନ ହୋଇ ଏଗୁଡ଼ିକ ବନ୍ଦ କରୁଥିବା ବେଳେ ଜୁଆଖେଳ ବନ୍ଦ ହୋଇ ପାରୁନାହିଁ । ବିଶେଷ କରି ଯୁବବର୍ଗ ଏହାର ଶିକାର ହେଉଛନ୍ତି । ଅନ୍ୟପକ୍ଷେ ଏଭଳି ଅସାମାଜିକ କାର୍ଯ୍ୟ ହେଉଥିବା ବେଳେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନକରିବା ପୋଲିସ ପ୍ରଶାସନ ପରି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଝରିଗାଁ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ଭାବେ ରହିଥିବାରୁ ଏହାର ପ୍ରତିକାର ନିତାନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ଅଂଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସ୍କୁଲ କାନ୍ଥ ପଡି ଦୁଇ ଜଣ ଛାତ୍ରୀଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି, ୧୭/୦୪(ଆ.ପ୍ର) : ଗଜପତି ଜିଲ୍ଲା ଆର୍.ଉଦୟଗିରି ଥାନା ଅନ୍ତର୍ଗତ ନୁଲୁଉସିଂ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ଇରେନି ରଇତ(୯) ଏବଂ ପଂଚମ ଶ୍ରେଣୀ ଛାତ୍ରୀ ବିକଲସେନ ରଇତ(୧୦) ପରଲୋକ ହୋଇଛି । ମୃତକ ପରିବାର ସେଠାରେ ପହଂଚିଲା ପରେ ଏକ ଶୋକର ବାତାବରଣ ସୃଷ୍ଟି ହୋଇଥିଲା । ନୂଆଗଡ ବିଡିଓ ଓ ତହସିଲଦାର ଘଟଣାସ୍ଥଳରେ ପହଂଚି ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୨୦୦୦୦ ଟଂକାର ଅନୁଦାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି ପ୍ରତ୍ୟେକ ପରିବାରଙ୍କୁ ୩ ଲକ୍ଷ ଟଂକାର ଅନୁଦାନ ଘୋଷଣା କରିଛନ୍ତି । ଆର୍.ଉଦୟଗିରି ଥାନା ପୋଲିସ ଉକ୍ତ ଶବଦ୍ୱୟକୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲେ । ଅଂଚଳ ବାସୀ ଏହାର ବିଧିବଦ୍ଧ ତଦନ୍ତ ଦାବୀ କରିଛନ୍ତି । ଗତକାଲି ୫୪ତମ ଜିଲ୍ଲା ପରିଷଦ ବୈଠକରେ ଏହି ଦୁଇଜଣ ଛାତ୍ରୀଙ୍କ ବିୟୋଗରେ ସଦସ୍ୟ ଓ ସଦସ୍ୟାମାନେ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ମହିଳା ସଶକ୍ତିକରଣ ଶୋଭାଯାତ୍ରା ଓ ସଭାରେ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରିତ ହୋଇଥିବା ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ରୂପେଶ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମ ବର୍ଜନ କରିଥିଲେ । ସେ କହିଛନ୍ତି ବାଳୁତ କନ୍ୟାଦ୍ୱୟଙ୍କ ଅକାଳ ବିୟୋଗରେ ଏହିଭଳି କାର୍ଯ୍ୟକ୍ରମ କରିବା କେତେଦୂର ସମୀଚୀନ ସେ ପ୍ରଶ୍ନ କରିଛନ୍ତି । ସେ ପ୍ରଶାସନକୁ ତାଗିଦ୍ କରିଛନ୍ତି ଏହିଭଳି ଘଟଣାର ପୁନରାବୃତ୍ତି ନକରିବା ପାଇଁ ।

ଟିକାବାଲି କଲେଜର ଛାତ୍ରଛାତ୍ରୀଙ୍କ କିଛି ସ୍ମୃତି କଲେଜ ପାଇଁ ସ୍ମରଣୀୟ



ଟିକାବାଲି, ୧୭/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ଇତିହାସ ବିଭାଗର ସ୍ନାତକ ଓ ସ୍ନାତକୋତର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱ ବିଭାଗ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ କହିଲେ କିଛି ଛାତ୍ର ଛାତ୍ରୀଙ୍କ ସ୍ମୃତି ଆମବିଭାଗରେ ସ୍ମୃତି ହୋଇ ରହିଯାଇଛି । ଅଧ୍ୟାପକ ବନମାଳୀ ବେହେରା, ଅମୂଲ୍ୟ କୁମାର ସାବତ, ସନ୍ତୋଷ କୁମାର ରଥ ବିଭାଗର ଅଧ୍ୟାପକ ଅଭୟ ପ୍ରଧାନ, ରାହୁଳ ଦିଗାଲ, ଅଧ୍ୟାପିକା ଶ୍ରାବଣୀ ପ୍ରଧାନ, ସନ୍ଧ୍ୟାରାଣୀ କହଁର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧ୍ୟାପକ ରତନ ଦିଗାଲ, ଆକାଶ ଶତପଥୀ, ଭଞ୍ଜ କିଶୋର ସାହୁ, ମନୋଜ ମହାରଣା, ରିଲୁ ପ୍ରଧାନ, ରବିନାରାୟଣ ପାଣିଗ୍ରାହୀ, ସୌରଭ ତ୍ରିପାଠୀ, ଅଧ୍ୟାପିକା ସଂଘମିତ୍ରା ଦାସ, ଅଙ୍କିତା ପ୍ରିୟ ଦର୍ଶିନୀ, ମାରାମ୍ବିକା, ରଶ୍ମିତା ଦେହୁରୀ ଯୋଗଦେଇ ଥିଲେ । ପିଲାମାନେ ବିତେଇଥିବା ଦୁଇ, ତିନି ବର୍ଷର ସ୍ମୃତିକୁ ସମସ୍ତଙ୍କ ଆଗରେ ଉପସ୍ଥାପନ କରିଥିଲେ ପିଜି ଛାତ୍ର ଚନ୍ଦନ ଦିଗାଲ, ଶୁଚିସ୍ମିତା ପାଣିଗ୍ରାହୀ, କୋଟିମା କହଁର, ସୋହାନି ପ୍ରଧାନ, ଜସ୍ମିନୀ ପ୍ରଧାନ,ସୁଧୀର ହୋତା, ସୁଲଭ ପ୍ରଧାନ, ଧନଞ୍ଜୟ ପ୍ରଧାନ ସହଯୋଗ କରିଥିଲେ ଛାତ୍ର ଶ୍ରୀରାମ ପ୍ରଧାନ ମଂଚ ସଂଚାଳନ କରିଥିବା ବେଳେ ଛାତ୍ର ସିଦ୍ଧାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳନ

ଧାମନଗର, ୧୭/୦୪(ଆ.ପ୍ର) : ଓଡ଼ିଆ ଜାତିର ଗର୍ବ ଓ ଗୌରବ, ଆଧୁନିକ ଓଡିଶାର ନିର୍ମାତା,ଶ୍ରେଷ୍ଠ ପାଇଲଟ, ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ତଥା ୩ଟି ରାଷ୍ଟ୍ର ଯାହାଙ୍କ ଗାଥା ଗାଏ,ବିଦେଶ ମାଟିରେ ଯାହାଙ୍କୁ ଭୂମିପୁତ୍ର ସମ୍ମାନ ମିଳିଛି ଏବଂ ଓଡ଼ିଶା ଓ ଓଡ଼ିଆଙ୍କ ବିକାଶ ପାଇଁ ଯିଏ ସର୍ବଦା ନିଜକୁ ସମର୍ପିତ କରିଥିଲେ । ସେହି ମହାନ୍ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ମହାଆଡମ୍ବରେ ପାଳନ କରାଯାଇଛି । ଏହି ଅବସରରେ ଧାମନଗର ନଗର ବିଜେଡି ତରଫରୁ ସଭାପତି ବିଜୟ କେତନ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସହରାଂଚଳରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ରୋଗୀ ମାନଙ୍କୁ ଫଳ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା ଯୋଗ ଦେଇ ଏକ ପଥପ୍ରାନ୍ତ ସଭାରେ ବିଜୁ ବାବୁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁକିବାଳା ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ ଏ ସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ମହାକୁଡ଼, କାଉନସିଲ ରହିଛି ରହିମା ଖାତୁନ, ନଜମା ଖାତୁନ, ଜୟନୁଲ ହକ, ବିଜେଡି ନେତା ଲମ୍ବୋଦର ଜେନା, ସେକ ଜାଫର ଅଲ୍ଲୀ, ରବିନ୍ଦ୍ର କୁମାର ଜେନା, ମୀର ମୁରତୁଜା, କୈଳାସ ସ୍ୱାଇଁ, ଭଗବାନ ତ୍ରିପାଠୀ, ରମେଶ ଚନ୍ଦ୍ର ଜେନା, ବିଷ୍ଣୁ ଜେନା, ଧନୁର୍ଦ୍ଧର ମଳିକଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସେହିପରି ଧାମନଗର ବ୍ଲକ ବିଜୁ ଜନତା ଦଳ ତରଫରୁ ଧୂଷୁରୀ ବଜାର ଠାରେ ମଧ୍ୟ ବିଜୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଗାନ୍ଧୀଘାଟଠାରେ ତିଳତର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଧାମନଗର ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ପ୍ରଦୀପ କୁମାର ମଲ୍ଲିକ,ସାରଦା ପ୍ରସନ୍ନ ସାହୁ,ସମିତି ସଭ୍ୟ ଭାରତ ବିଜୟ ଦଳାଇ,ସରପଂଚ ଅଜୟ କୁମାର ମଲ୍ଲିକ, ଶୀତାକାନ୍ତ ମିଶ୍ର,ବିଜେଡି ନେତା ଉମେଶ ଚନ୍ଦ୍ର ମହାନ୍ତି,ସଂଦୀପ ସ୍ୱାଇଁ,ରାଜେନ୍ଦ୍ର ପଲାଇ,ବିଜୟ କୁମାର ମିଶ୍ର,ବ୍ରଜେନ୍ଦ୍ର ମହାନ୍ତି,ସ୍ଥାନୀୟ ଅଂଚଳର ବହୁ ବିଜୁ ପ୍ରେମୀ ଯୁବ ଛାତ୍ର ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ୱର୍ଗତ ବିଜୁବାବୁ ଅମର ରହେ ସ୍ଲୋଗାନରେ ପ୍ରକମ୍ପିତ ହେଲା ଧାମନଗର ସ୍ମୃତିଚାରଣ କରିଥିଲେ ।

ଘରେ ଘରେ ପହଂଚୁଛନ୍ତି ଗଣନାକାରୀ, ସିନାପାଲିରେ ଗଣନା କାର୍ଯ୍ୟ ଆରମ୍ଭ

ସିନାପାଲି, ୧୭/୦୪(ଆ.ପ୍ର) : ସ୍ୱୟଂଗଣନ ପ୍ରକ୍ରିୟା ଶେଷ ହେବା ପରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଅନୁସାରେ ସିନାପାଲି ବ୍ଲକ ଅଂଚଳରେ ଗୃହ ତାଲିକା ଓ ଗୃହ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ବ୍ଲକ ଇନଚାର୍ଜ ଅଫିସର ଓ ସିନାପାଲି ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସୁଚାରୁ ଭାବେ ଚାଲିଛି । ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଏହି ଜାତୀୟ କାର୍ଯ୍ୟରେ ନିୟୋଜିତ ଥିବା ବେଳେ, ଆପତକାଳୀନ ସୁବିଧା ପାଇଁ ପ୍ରାୟ ୧୦ ପ୍ରତିଶତ କର୍ମଚାରୀଙ୍କୁ ରିଜର୍ଭ ରଖାଯାଇଛି । ଗଣନାକାରୀମାନେ ନିଜ ନିଜ କ୍ଷେତ୍ରରେ ଘରେ ଘରେ ଯାଇ ପ୍ରଥମେ ଗଣନା ଘର ଚିହ୍ନଟ କରୁଛନ୍ତି । ପରେ ନିର୍ଦ୍ଧାରିତ ପ୍ରାୟ ୩୩ଟି ପ୍ରଶ୍ନ ମାଧ୍ୟମରେ ପ୍ରତ୍ୟେକ ପରିବାରର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ । ଦେଶର ଏହି ମହତ୍ୱପୂର୍ଣ୍ଣ ଓ ଆବଶ୍ୟକ ଜନଗଣନା କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ପଣ୍ଡିକୋଟ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ

ପାପଡାହାଣ୍ଡି, ୧୭/୦୪(ଆ.ପ୍ର) : ପାପଡାହାଣ୍ଡି ବ୍ଲକ ଅଧିନସ୍ଥ ପଣ୍ଡିକୋଟ ପଂଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ୱାର୍ଡ ସଭ୍ୟ ତ୍ରିଲୋଚନ ହରିଜନଙ୍କ ସଭାପତିତ୍ୱ ରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା ଏଥିରେ ଡି ଇ ଓ. ରାଜେନ୍ଦ୍ର ପ୍ରଧାନ, ଏସିଡିଇଓ ଶରତ ଚନ୍ଦ୍ର ବିଷୋୟୀ, ଏମ ବି କେ ମାର୍ଥାମଣୀ, ଜି ଏସ ଏମ ପୁଷ୍ପାଞ୍ଜଳି ପୂଜାରୀ ଓ ସମସ୍ତ ଏସଏଚଜି ଗ୍ରୁପର ମାଆ ମାନେ ଉପସ୍ଥିତ ଥିଲେ ଏହି ସଭରେ ନାରୀଶକ୍ତି ବନ୍ଦନ ଅର୍ଥ ମହିଳା ଶକ୍ତି କରଣକୁ ସୁଦୃଢ଼ କରିବା ମିଶନ ପ୍ରକ୍ରିୟାରେ ମହିଳା ମାନଙ୍କୁ ଅଂଶଗ୍ରହଣ କରିବା, ତୃଣମୂଳ ସ୍ତରରେ ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରିବା, ମହିଳା ପାନ୍ଥାର, ନିର୍ଦ୍ଧାରିତ ସୀମା ଭିତରେ ପ୍ରତିଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ, ବିଦ୍ୟୁତ ଓ ସବୁଦିନିଆ ରାସ୍ତା ସଂଯୋଗୀ କରଣ ସୁନିଶ୍ଚିତ କରିବା, ଅନ୍ତୋଦୟ ଗୃହଯୋଜନା, ଗୃହ ସହାୟତା ପାଇଁ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ଯେମିତି ଅତି ଅସହାୟ ବର୍ଗଙ୍କୁ ଏଥିରେ ସାମିଲ କରାଯାଇପାରିବ ଶେଷରେ ଗୋଷ୍ଠୀଗତ ସମ୍ପର୍କରେ ଆଲୋଚନା ଓ ସଚେତନତା ସୃଷ୍ଟି କରିବା, ଶେଷରେ ସଭାପତିଙ୍କ ଅନୁମତି ନେଇ ସଭା ସାଙ୍ଗ କରାଗଲା ।

ସେଇଥିଓ ଆରମ୍ଭ
SEITHO ARAMBHA
ଶନିବାର, ୧୮ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ନୂଆପଡା ଜିଲ୍ଲା ରାଜ୍ୟରେ ପ୍ରଥମ ଡୁଡା ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ପ୍ରଶଂସା

ନୂଆପଡା, ୧୭/୦୪(ଆ.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ତିନୋଟି ଏନଏସି ନୂଆପଡା, ଖଡିଆଳ ଓ ଖରିଆର ରୋଡର କାର୍ଯ୍ୟାବଳୀ ସମୀକ୍ଷା କରାଯାଇଥିଲା । ରାଜସ୍ୱ ସଂଗ୍ରହ, ସଲିଡ୍ ୱେଷ୍ଟ ମ୍ୟାନେଜମେଂଟ, ପିଏମଏୱାଇ (ନଗର) ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ)ର କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନଏସିର କାର୍ଯ୍ୟ ପ୍ରଗତି ଓ ଆର୍ଥିକ ତଥ୍ୟ ଉପସ୍ଥାପନ କରିଥିଲେ । ହୋଲ୍ଡିଂ ଟେକ୍ସ ସଂଗ୍ରହ କ୍ଷେତ୍ରରେ ନୂଆପଡା ଏନଏସି ରାଜ୍ୟରେ ପ୍ରଥମ ସ୍ଥାନ ଓ ଖଡିଆଳ ଏନଏସି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ନୂଆପଡା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି । ନୂଆପଡ଼ା ଏନଏସିର ହୋଲ୍ଡିଂ ଟେକ୍ସ ସଂଗ୍ରହ ୩୯.୧୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୫୪.୧୬ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୩୮ ପ୍ରତିଶତ । ସେହିପରି, ଖରିଆର ଏନଏସିର ୩୫.୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୪୮.୫୮ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୩୫ ପ୍ରତିଶତ । ଖରିଆର ରୋଡ ଏନଏସି ମଧ୍ୟ ୬୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି । ସମସ୍ତ ତିନୋଟି ଏନଏସିର ହୋଲ୍ଡିଂ ଟେକ୍ସ ସଂଗ୍ରହ ଆଧାରରେ ନୂଆପଡା ଜିଲ୍ଲା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି । ବୈଠକରେ ନୂଆପଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନଏସିର ସ୍ୱାଧୀନ ମହାରଣାଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ନୂଆପଡା ଓ ଖଡିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଏବଂ ସେମାନଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲାପାଳ କହିଥିଲେ ଯେ ଏହା କେବଳ ଆରମ୍ଭ ମାତ୍ର ଏବଂ ଆହୁରି ଦୂର ଯିବାକୁ ଅଛି । ଚଳିତ ଆର୍ଥିକ ବର୍ଷରେ ଅଧିକ ପ୍ରୟାସ କରି ଜିଲ୍ଲାର ସମ୍ମାନକୁ ଆହୁରି ବଢ଼ାଇବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ସେ କହିଥିଲେ । ବୈଠକରେ ନୂଆପଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନଏସିର ସ୍ୱାଧୀନ ମହାରଣା, ଖରୀଆର ରୋଡ ଏନଏସିର କମଳାସନ ରଥ ସହିତ ନଗର ଉନ୍ନୟନ ଓ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ ।

ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀଙ୍କୁ ରାଜଧାନୀ ଗୌରବ ସମ୍ମାନ

ପାରଳାଖେମୁଣ୍ଡି, ୧୭/୦୪(ଆ.ପ୍ର) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଅଙ୍କସାହି ବାସିନ୍ଦା ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀଙ୍କୁ ଓଡିଶାର ମହାମହିମ ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପତି ରାଜଧାନୀ ପ୍ରତିଷ୍ଠା ଦିବସରେ 'ରାଜଧାନୀ ଗୌରବ'ରେ ସମ୍ମାନିତ କରିଛନ୍ତି । ଦୀର୍ଘ ୩ ଦଶନ୍ଧି ଧରି ବିଭିନ୍ନ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେବା ସହ ଓଡିଶା କଳାକାର ହିସାବରେ ପ୍ରତିଷ୍ଠା ଲାଭ କରିଛନ୍ତି ।ଓଡିଶାର କୋଣଅନୁକୋଣରୁ ତାଙ୍କର ଗୀତ ଶୁଣିବାପାଇଁ ସଂଗୀତ ପ୍ରେମୀ ଅପେକ୍ଷା କରିଥାନ୍ତି । ତାଙ୍କର ଏହି ବିରଳ ସମ୍ମାନରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି

ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯଥା ଭକ୍ତି ସଂଗୀତ ସଂସଦ, ଜଗନ୍ନାଥ ଓଡିଶୀ କଳାକେନ୍ଦ୍ର, ସମଲେଇ ନୃତ୍ୟାଙ୍ଗନା ପରିଷଦ, ଗଜପତି କଳା ପରିଷଦ, ଉତ୍କଳ ହିତୈଷିଣୀ ସମାଜ, କ୍ରିଏଟିଭ୍ ଆର୍ଟ୍ସ, ପ୍ରଗତି ମହିଳା ସଂଘ, ଆକାଂକ୍ଷା ମହିଳା ସଂଘର ସଦସ୍ୟ ଓ ସଦସ୍ୟାବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି । ଏହି ଭବ୍ୟ ସମାବେଶରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଭୁବନେଶ୍ୱର ପୌରନିଗମର ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ ।

ନୂତନ ଶିଶୁ ମଙ୍ଗଳ କମିଟିଙ୍କ ଦାୟିତ୍ୱ ଗ୍ରହଣ

ପୁରୀ, ୧୭/୦୪(ଆ.ପ୍ର) : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି । ନୂତନ ସିଡବ୍ଲୁସିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧ୍ୟକ୍ଷ ଡଃ ଅଜିତ କୁମାର ମହାପାତ୍ରଙ୍କ ଠାରୁ ଶୁକ୍ରବାର ୧୭ ତାରିଖ ଦିନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ସଦସ୍ୟା ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ । ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ ଉପସ୍ଥିତ ରହି ବିଗତ ବର୍ଷ ଗୁଡିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟ କାଳିନ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ରୋକାଲିନ ପାତ୍ର, ସନ୍ତୋଷ କୁମାର ସାହୁ, ସ୍ମିତାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ନୂତନ ଭାବେ ଅବସ୍ଥାପିତ ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁକୁ ଯତ୍ନ, ସୁରକ୍ଷା ଏବଂ ପରିବାର ଯୋଗାଇଦେବା କମିଟିର ପ୍ରାଥମିକତା ହେବ । ବିପରୀତ ପରିସ୍ଥିତିରେ ଥିବା ଶିଶୁ ମାନଙ୍କ ଉତ୍ଥାନ ପାଇଁ ମୋବାଇଲ ନଂ - ୬୩୭୨୨୨୨୬୬୪ ରେ ତୁରନ୍ତ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ଜିଲ୍ଲାରେ ଗଡ଼ିଲା 'ଜନଗଣନା ସଚେତନତା ରଥ'

ନବରଙ୍ଗପୁର, ୧୭/୦୪(ଆ.ପ୍ର) : ଆଜି ସ୍ଥାନୀୟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ 'ଜନଗଣନା ସଚେତନତା ' ରଥ ର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଜିଲ୍ଲା ଜନଗଣନ ଅଧିକାରୀ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ପ୍ରକଳ୍ପ ଅଧିକାରୀ, ଜରୁରୀକାଳୀନ ବିଭାଗ ହିମାଂଶୁ ପଟ୍ଟନାୟକ, ଡେପୁଟୀ କଲେକ୍ଟର ନିବେଦିତା ଶତପଥୀ, ଜିଲ୍ଲାପାଳ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ, ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଗତକାଲି ଠୁ ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ରେ ଜନଗଣନାକାରୀ ଘରକୁ ଘର ଯାଇ ଘର ତାଲିକା ପ୍ରସ୍ତୁତି ଓ ଗୃହ ଗଣନା କରିବେ । ଏହା ପୂର୍ବରୁ ଜନ ସାଧାରଣ ଗତ ୧ ଏପ୍ରିଲରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଆପରେ ସ୍ୱ ଗଣନା ତଥ୍ୟ ପ୍ରଦାନ କରିଥିଲେ । ଜନଗଣନା ସଚେତନତା ରଥ ଜିଲ୍ଲାର ସମସ୍ତ ଚାର୍ଜ ଅଂଚଳରେ ଜନ ସାଧାରଣଙ୍କୁ ଜନଗଣନା ତଥ୍ୟ ସଠିକ୍ ଏବଂ ନିରପେକ୍ଷ ଭାବେ ପ୍ରଦାନ କରିବାକୁ ସଚେତନ କରିବ ।

ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହେଲା ଓପିଏଲ୍ - ସିଜିନ୍ ୬

ଟାଙ୍ଗୀ ଚୌଦ୍ୱାର, ୧୭/୦୪(ଆ.ପ୍ର) : ଚୌଦ୍ୱାର ପୌରପାଳିକା ଅଧୀନ ଓଟିଏମ୍ କଲୋନୀ ୭ ନମ୍ବର ୱାର୍ଡ ସ୍ଥିତ ସତ୍ୟନାରାୟଣ ଖେଳ ପଡିଆରେ ୮ଟି ଦଳକୁ ନେଇ ଏକ ଆଖି ଝଲସିବା ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଓଟିଏମ୍ ପ୍ରିମିୟର ଲିଗ କ୍ରିକେଟ ସିଜିନ୍ ୬ ଗୁରୁବାର ସଂଧ୍ୟାରେ ଉଦଘାଟନ ହୋଇଯାଇଛି ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଫିତା କାଟି ଉଦଘାଟନ କରିଥିଲା ବେଳେ ହାସ୍ୟଅଭିନେତା ରାଜୁ ଦାସ, କମେଡିଆନ ହତାଶିଆ, ଚୌଦ୍ୱାର ପୌରପାଳିକା ଉପାଦକ୍ଷ ଶୁଭେନ୍ଦୁ ସାମଲ, ପାରିଷଦ ଦିଲ୍ଲିପ ସାହୁ, ପାରିଷଦ ବିଜୟଲକ୍ଷ୍ମୀ ସାହୁ, ବିଦ୍ୟୁତ ବିଭାଗର ଅଜୟ ଶର୍ମା, ଅର୍ଜ୍ଜନ ପଣ୍ଡା, ପ୍ରଶାନ୍ତ ଦାସ ପ୍ରମୁଖ ଉଦଘାଟନ କାର୍ଯ୍ୟକ୍ରମ ରେ ଯୋଗଦେଇ ଥିଲା ବେଳେ ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହେଉଥିଲା ୩ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଫାଇନାଲ ମ୍ୟାଚକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ

ଦଶପଲ୍ଲା, ୧୭/୦୪(ଆ.ପ୍ର) : ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକ (ଦଶପଲ୍ଲା, ନୂଆଗାଁ, ଗଣିଆ)ର ସମର୍ଥକଙ୍କୁ ନେଇ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ଦିନ ଦଶପଲ୍ଲାରେ ବିଜୁ ଜନତା ଦଳ ପକ୍ଷରୁ ମହାଡମ୍ବରରେ ପାଳିତ ହୋଇଯାଇଛି । ବିଜୁ ପଟ୍ଟନାୟକଙ୍କ ଦିବସ ଉଦ୍ଦେଶ୍ୟରେ ମହାଦେବ ମନ୍ଦିର ପୋଖରୀ ଠାରେ ବ୍ରାହ୍ମଣଙ୍କ ଉପସ୍ଥିତ ରେ ତିଳ ତର୍ପଣ କରିଥିଲେ । ଏଥିସହିତ ମୋଟର ସାଇକେଲ ଦ୍ୱାରା ଏକ ରୋଡ ସୋ କରି ତ୍ରିନାଥ ବଢ଼ାର ସ୍ଥିତ ବୈଶ୍ୟ ସମାଜ ଗୃହ ଠାରେ ପହଂଚି ଏକ ସଭା ଆୟୋଜନ କରାଯାଇଥିଲା । ଆୟୋଜିତ ସଭାରେ ତିନୋଟି ବ୍ଲକର ଅଧ୍ୟକ୍ଷ, ଏନ ଏ ସି ଅଧ୍ୟକ୍ଷାଙ୍କ ସହିତ ବହୁ କର୍ମୀ ଯୋଗଦେଇଥିଲେ । ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବା ପଥରେ ଅଗ୍ରସର ହେବା ନିମନ୍ତେ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଉକ୍ତ ରୋଡସୋରେ ଗାଡିମୋଟର ରାସ୍ତା ଉପରେ ଅଟକିରହିଥିବା ବେଳେ ଟ୍ରାଫିକ ସମସ୍ୟା ଉପୁଜିଥିବା ଦେଖାଦେଇଥିଲା ।

ନୂଆପଡ଼ାରେ ଜୀବିକା ମିଶନ ବୈଠକ : ବ୍ୟାଙ୍କ ଲିଙ୍କେଜରେ ୧୩୭% ସଫଳତା, ପ୍ରବାସୀ ପରିବାରକୁ ସହାୟତା

ନୂଆପଡ଼ା, ୧୭/୦୪(ଆ.ପ୍ର) : ନୂଆପଡ଼ା ଜିଲ୍ଲାରେ ଜୀବିକା ମିଶନ ଓ ମିଶନ ଶକ୍ତିର ଜିଲ୍ଲା ସ୍ତରର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ହେଇଗଲା । ବୈଠକରେ ବ୍ୟାଙ୍କ ଲିଙ୍କେଜ କାମ ଭଲ ଚାଲୁଥିବା କୁହାଗଲା । ମୋଟ ୫୪୪୦ ଟା ଲକ୍ଷ୍ୟ ଥିଲାବେଳେ ୫୯୫୮ ଟା କାମ ସରି ୧୦୯.୫୨% ହେଇଛି । ଟଙ୍କା ଦିଗରୁ ୨୨୧୫୪ ଲକ୍ଷ ଲକ୍ଷ୍ୟ ଥିଲା, କିନ୍ତୁ ୩୦୩୬୯ ଲକ୍ଷ ଟଙ୍କା କାମ ହେଇ ୧୩୭% ସଫଳତା ମିଳିଛି । ମୋଟ ୬୭୩୪ ଟା ଆବେଦନ ବ୍ୟାଙ୍କକୁ ପଠାଯାଇଛି ଓ ୪୨୧୫୬ ଲକ୍ଷ ଟଙ୍କାର କାମ ହୋଇଛି । ଆଉ ୭୭୬ଟା ଆବେଦନ ଏଯାଏଁ ବ୍ୟାଙ୍କରେ ଅପେକ୍ଷାରେ ଅଛି । ଏଠାରେ ଏଭରେଜ୍ ଲୋନ ୫.୧ ଲକ୍ଷ ଟଙ୍କା ରହିଛି । ମାର୍ଚ୍ଚ ମାସରେ ୭୭ ଟା ପ୍ରବାସୀ ଶ୍ରମିକ ପରିବାରକୁ ମୋଟ ୮.୧୫ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି । ବୋଡେନରେ ୧୭ ପରିବାରକୁ ୧.୬୦ ଲକ୍ଷ, ଖରିଆରରେ ୧୦ ପରିବାରକୁ ୧.୨୫ ଲକ୍ଷ, କୋମନାରେ ୨୦ ପରିବାରକୁ ୨.୩୦ ଲକ୍ଷ, ନୂଆପଡ଼ାରେ ୨୫ ପରିବାରକୁ ୨.୫୦ ଲକ୍ଷ ଓ ସିନାପାଲିରେ ୫ ପରିବାରକୁ ୫୦ ହଜାର ଟଙ୍କା ମିଳିଛି । ବୈଠକରେ ୫ଏଏ, ଭଣ୍ଡାର ଅପଡେଟ, ଡିଜିଟାଲ ରେଜିଷ୍ଟର, ଲୋନ, ମିଶନ ଶକ୍ତି ମାର୍କେଟ ଆଦି ଉପରେ ଆଲୋଚନା ହେଇଥିଲା । ଜିଲ୍ଲାପାଳ କହିଲେ ଯେ ବ୍ୟାଙ୍କ ଲିଙ୍କେଜକୁ ଆଉ ମଜବୁତ କରିବା, ଅପେକ୍ଷାରେ ଥିବା ଆବେଦନ ଶୀଘ୍ର ସମାଧାନ କରିବା ଓ ପ୍ରବାସୀ ପରିବାରକୁ ଆଉ ଅଧିକ ସହାୟତା ଦେବାକୁ ପଡିବ । ବୈଠକରେ ସୁନୀଲ କୁମାର ମଲ୍ଲିକ, ହରିଶଙ୍କର ନିଆଲ, ଧନୀରାମ ସବର ଓ ଅନ୍ୟାନ୍ୟ ଅଧିକାରୀ ଥିଲେ ।

ଡକାୟତି ଉଦ୍ୟମ ପଣ୍ଡ,୨ ଗିରଫ,୫ଟି ଖଣ୍ଡା ସହିତ ଗୋଟିଏ କାର, ଗୋଟିଏ ବୁଲେଟ ଜବତ,୬ ଜଣ ଫେରାର

ଗଣିଆ, ୧୭/୦୪(ଆ.ପ୍ର) : ବଡ ଧରଣର ଡକାୟତି ଉଦ୍ୟମ କରିବାକୁ ଆସିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଗଣିଆ ପୋଲିସ । ଘଟଣାସ୍ଥଳରୁ ୬ଜଣ ଫେରାର ହୋଇଯାଇଥିବା ବେଳେ ସେମାନଙ୍କ ପାଖରୁ ୫ଟି ଖଣ୍ଡା, ଗୋଟିଏ କାର ଏବଂ ଗୋଟିଏ ବୁଲେଟ ଜବତ କରିଥିବା ଥାନା ଅଧିକାରୀ ଟଙ୍କଧର ଛତ୍ରିୟା ସୂଚନା ପ୍ରଦାନ କରିଛନ୍ତି । ଘଟଣାରୁ ଜଣାପଡିଛି ଗଣିଆ ବ୍ଲକ କିଶୋର ପ୍ରସାଦ ଠାରେ ବିଳମ୍ବିତ ରାତିରେ ଗୋଟିଏ କାରରେ କିଛି ଅଜଣା ଯୁବକ ଥିବା ଖବର ପାଇ ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ, କନେଷ୍ଟବଳ ଦିଲ୍ଲୀପ କୁମାର ନାହାକ ସେଠାରେ ପହଂଚିଥିଲେ । ଥାନା ଗାଡି ଦେଖି ୬ ଜଣ ଦୌଡି ପଳାଇଥିବା ବେଳେ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ପାଖରେ ଥିବା କାର ଭିତରେ ୫ଟି ବଡ଼ ଖଣ୍ଡା ଦେଖି ସନ୍ଦେହ ହେବାରୁ ସେମାନଙ୍କୁ ଗଣିଆ ଥାନାକୁ ଆଣି ପଚରାଉଚରା କରିଥିଲେ । ଦୁଇଜଣଙ୍କ ଭିତରୁ ଜଣେ ଭୁବନେଶ୍ୱର ନିଳାଦ୍ରିବିହାରର ପପୁନି ରକ୍ଷିତ ବୋଲି ଜଣାପଡିଥିବା ବେଳେ ଅନ୍ୟ ଜଣେ ନାବାଳକ ବୋଲି ଜଣାପଡିଛି । ସେମାନଙ୍କ ଠାରୁ ପୋଲିସ ୫ଟି ଖଣ୍ଡା, ଗୋଟିଏ କାର ଏବଂ ଗୋଟିଏ ବୁଲେଟ ଜବତ କରିଥିବା ଥାନା ଅଧିକାରୀ ଜଣାଇଛନ୍ତି । ତେବେ ଅନ୍ୟ ୬ ଜଣ ଫେରାର ହୋଇଯାଇଥିବା ବେଳେ ପୋଲିସ ଉକ୍ତ ଗ୍ୟାଙ୍ଗ ସମ୍ପର୍କରେ ଖୋଳତାଡ ଜାରି ରଖିଛି । ଖୁବଶୀଘ୍ର ଏହି ଘଟଣାରେ ସଂପୃକ୍ତ ଅନ୍ୟ ମାନେ ଧରାପଡିବେ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

ବିଜେଡ଼ି ପକ୍ଷରୁ ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ୭ ଦିନରେ କାର୍ଯ୍ୟାନୁଷ୍ଠାନ ନହେଲେ ଧାରଣା ଚେତାବନୀ

ଧାମନଗର, ୧୭/୦୪(ଆ.ପ୍ର) : ଧାମନଗର ବ୍ଲକର କାର୍ଯ୍ୟରତ ଯୋଗାଣ ନିରୀକ୍ଷକ ଉମାନନ୍ଦ ସାହୁଙ୍କ ବିରୋଧରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟକଳାପ ନେଇ ବିଜେଡ଼ି ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି । ବିଭିନ୍ନ ପଂଚାୟତର ବିଜେଡ଼ି ସମର୍ଥିତ ଲୋକ ପ୍ରତିନିଧିମାନେ ଏ ନେଇ ଜିଲ୍ଲାପାଳ,ଏସପି ଓ ଧାମନଗର ବିଡିଓଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ତେବେ ବିଡିଓଙ୍କ ଅନୁପସ୍ଥିତି ଥିବାରୁ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅଭିଯୋଗ ପତ୍ରର ଉଲ୍ଲେଖ ଅନୁସାରେ, ଯୋଗାଣ ନିରୀକ୍ଷକ ସରକାରୀ ସାମଗ୍ରୀ ବଂଟନରେ ଅନିୟମିତତା କରୁଥିବା ସହ ଡିଲରମାନଙ୍କ ଠାରୁ ଅନଧିକୃତ ଭାବରେ ଟଙ୍କା ଆଦାୟ କରୁଛନ୍ତି । ଡିଲରମାନଙ୍କୁ ମିଳୁଥିବା ଅର୍ଥରୁ ୧୨ ପ୍ରତିଶତ ଦାବି, ଡିଲରଙ୍କ (ରାସନ ଡାଉନ) ରିନ୍ୟୁଆଲ ପାଇଁ ପ୍ରତି କ୍ୱିଂଟାଲରେ ଅତିରିକ୍ତ ଟଙ୍କା, ଟ୍ରେଜେରୀ କାମ ପାଇଁ ଅଲଗା ଅର୍ଥ ଓ ବ୍ୟକ୍ତିଗତ ଲାପଟପ କ୍ରୟ ପାଇଁ ମଧ୍ୟ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ରହିଛି । ଲୋକପ୍ରତିନିଧି ମାନଙ୍କ କହିବା ଅନୁସାରେ,ଏହି ଅନିୟମିତତା ଫଳରେ ସାଧାରଣ ଖାଉଟିମାନେ ସିଧାସଳଖ ପ୍ରଭାବିତ ହେଉଛନ୍ତି ଏବଂ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏହି ଘଟଣାକୁ ନେଇ ପୂର୍ବରୁ ଯୋଗାଣ ନିରୀକ୍ଷକଙ୍କ ପାଖକୁ ଯାଇଥିଲା ବେଳେ ଅସଭ୍ୟ ବ୍ୟବହାର ଓ ଧମକ ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗରେ ଦର୍ଶାଯାଇଛି । ଏନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଅସନ୍ତୋଷ ଦେଖା ଦେଇଛି । ଲୋକପ୍ରତିନିଧିମାନେ ଦରଖାସ୍ତରେ ସ୍ପଷ୍ଟ କରିଛନ୍ତି ଯେ, ୭ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ କରାଗଲେ, ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡ଼ି ପକ୍ଷରୁ ଧାରଣା ଦିଆଯିବ । ଏହି ଅଭିଯୋଗ ପ୍ରଦାନ ସମୟରେ ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ଜ୍ଞାନରଞ୍ଜନ ମହାକୁଡ଼ ସମେତ ଅନ୍ୟ ନେତୃ ମଣ୍ଡଳୀ ସାମିଲ ହୋଇଥିଲେ । ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକଙ୍କ ସହିତ ଯୋଗାଯୋଗ କରିବାରୁ ମୋ ପାଖରେ ଅଭିଯୋଗର କୌଣସି ସୂଚନା ନାହିଁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ହାଟଡିହିରେ ପ୍ରସିଦ୍ଧ ପାଟୁଆ ଯାତ୍ରା ଅନୁଷ୍ଠିତ

ହାଟଡିହି, ୧୭/୦୪(ଆ.ପ୍ର) : ହାଟଡିହି ତେଲୁଗା ନିକଟରେ ହନୁମାନ ଜୟନ୍ତୀ ଓ ପ୍ରସିଦ୍ଧ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥି ପାଇଁ ସମଗ୍ର ହାଟଡିହି ଅଂଚଳଟି ହସ ଉଲ୍ଲାସ ମୁଖରିତ ହୋଇଉଠିଛି । ଗତକାଲି ସକାଳୁ ଘଟୋ ଚଳାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଜିଭ, ପେଟ ଫୋଡାଇ ମାନସିକ ପୂରଣ କରି ପଣା ସଂକ୍ରାନ୍ତି ପରଦିନ ଭୋର ୪ଟା ବେଳେ ଶ୍ରଦ୍ଧାଳୁ ମା ମାନେ ପଂଚଘଟଙ୍କ ପାଖରେ ପୂଜା କରିବା ସହ ପୂର୍ବ ପ୍ରଥା ଅନୁସାରେ ହରିହର ଦେହୁରୀ ନିକଟରେ ଅନୁଯାଉ ଫୋଡାଇ ମାନସିକ ପୂରଣ କରିବାସହ ଗାଁ ଗାଁ ବୁଲି ମାଗଣ କରିଥିଲେ । ସୂଚନା ଅନୁସାରେ, କେଉଁ ଯୁଗରୁ ଏହି ପ୍ରଥା ନିକଟସ୍ଥ କପୁଣ୍ଡି ଗ୍ରାମର ସେତେବେଳେର ଜମିଦାରଙ୍କ ଅନୁଯାୟୀ ଜେନା ପରିବାର ପକ୍ଷରୁ ମାଙ୍କର ପୂଜା କରାଯାଇ ରଖା ଯାଏ? ପଣା ସଂକ୍ରାନ୍ତି ର ଦୁଇଦିନ ପୂର୍ବରୁ ଆଞ୍ଜ ମାନ ନିଆଯାଇ ପଂଚ ଘଟ ମାଙ୍କୁ ଏଠାକୁ ଅଣାଯାଇ ସମସ୍ତ ରୀତିନୀତି ପୂଜାର୍ଚ୍ଚନା କରାଯାଇଥାଏ । ପୂଜା ପରେ ପୁନଶ୍ଚ ମାଙ୍କୁ କପୁଣ୍ଡି ଗାଁ ଫେରାଇ ନିଆଯାଇଥାଏ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଏହା ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ରହି ଆସିଛି, ଶ୍ରଦ୍ଧା ସୁମନ ଅର୍ପଣ କରିଥାନ୍ତି । ଏହି କାର୍ଯ୍ୟକ୍ରମକୁ ରମେଶ ବେହେରା, ସିପୁନୁ ପୃଷ୍ଟି, ବିକାଶ , ଜଗନ୍ନାଥ ପୃଷ୍ଟି, ଚନ୍ଦନ କୁମାର ସାହୁ, ଅଜୟ ସାହୁ, ମାନସ ବେହେରା, ନିତ୍ୟାନନ୍ଦ ପୃଷ୍ଟି, ଭାବଗ୍ରାହୀ ସାହୁ, ଶୁଭମ୍ ବେଠ, ଆକାଶ , ରାଜା ମଣ୍ଡଳ, କାହ୍ନୁ ବେରଭ, ବାବୁଲି ଜେନା, ବିଜୁ ଜେନା, ତପନ ସାହୁ, ସିପୁନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ମଲାରୁଆଁଠାରେ ମହାବୀର ହନୁମାନ ଜୟନ୍ତୀ ସହିତ ବାର୍ଷିକ ଉତ୍ସବ ପାଳିତ

ଭୋଗରାଇ, ୧୭/୦୪(ଆ.ପ୍ର) : ସଙ୍କଟ ମୋଚନ ହନୁମାନ ଜୟନ୍ତୀ ସବୁଆଡେ ମହାଧୁମଧାମରେ ପାଳିତ ହେଉଥିଲା ବେଳେ ଭୋଗରାଇ ବ୍ଲକ ସୁନାଧରବସାଣ ପଂଚାୟତରେ ମାଲାରୁଆଁ ଗ୍ରାମରେ ମଙ୍ଗଳବାର ମହାବୀର ହନୁମାନ ଜୟନ୍ତୀ ଓ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ସକାଳ କଳସ ଶୋଭାଯାତ୍ରାରେ ଘଟୋତୋଳନ ପରେ ସମସ୍ତ ନୀତିକାନ୍ତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଉକ୍ତ ଉତ୍ସବରେ ଚନ୍ଦ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି, ସଂଜୀବ ସାହୁ, ରାଧାକାନ୍ତ ପ୍ରଧାନ, ଆଶିଷ କୁମାର ପାତ୍ର, ପ୍ରବୋଧ କୁମାର ପଣ୍ଡା, ସୁନୀଲ ଜେନା, ପରମାନନ୍ଦ ପରିଡା, ଗୌତମ ଜେନା, ମହେଶ ପୁର ସରପଂଚ ବରେନ୍ଦ୍ର ପାତ୍ର, ଦୀନେଶ ରଣା, ହିନ୍ଦୁ ମହାସଭା ଭୋଗରାଇ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ବିଶ୍ୱହିନ୍ଦୁ ପରିଷଦ ସହସମ୍ପାଦକ ରାମଚନ୍ଦ୍ର ଗିରି ପ୍ରମୁଖଙ୍କ ସହିତ ମାଲାରୁଆଁ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

୨ ଟି ହୋଟେଲରୁ ୪ ଗ୍ରାହକ ସହ ୨ ଯୁବତୀ ଉଦ୍ଧାର

ଭଦ୍ରକ, ୧୭/୦୪(ଆ.ପ୍ର) : ହୋଟେଲରେ ଚାଲିଥିଲା ସେକ୍ସ ରାକେଟ୍ । ଖବର ପାଇ ଆଜି ରେଡ୍ କରିଛି ଭଦ୍ରକ ସହରାଂଚଳ ଥାନା ପୋଲିସ । ଦୁଇଟି ହୋଟେଲରୁ ୪ ଗ୍ରାହକଙ୍କ ସହ ଉଦ୍ଧାର ହୋଇଛନ୍ତି ୨ ଯୁବତୀ । ଭଦ୍ରକ ସହରାଂଚଳ ପୋଲିସ ପକ୍ଷରୁ ଦୁଇ ଥାନା ଅଂଚଳରେ ହୋଇଥିଲା ଏହି ଚଢ଼ାଉ । ଏ ନେଇ ଅଧିକ ଖୋଳତାଡ଼ ଜାରି ରଖିଛି ପୋଲିସ । ଭଦ୍ରକ ସହରାଂଚଳ ପୋଲିସ ଭଦ୍ରକ ସହରର ରାଜଘାଟ ବ୍ରିଜ୍ ନିକଟ ଏକ ହୋଟେଲରେ କରିଥିଲା ଏହି ରେଡ୍ । ରେଡ୍ ବେଳେ ଜଣେ ଯୁବତୀଙ୍କ ସହ ଦୁଇ ଗ୍ରାହକଙ୍କୁ ଗିରଫ କରିଛି ପୋଲିସ । ସେହିଭଳି ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ଧାମରା ବ୍ରିଜ୍ ନିକଟ ଏକ ହୋଟେଲରେ ରେଡ୍ କରିଛି ପୋଲିସ । ସେହି ହୋଟେଲରୁ ମଧ୍ୟ ଦୁଇ ଗ୍ରାହକଙ୍କୁ ଗିରଫ କରିବା ସହ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଏହି ଦୁଇଟି ପ୍ରୋଟକୁ ହୋଟେଲ ମାଲିକ କରାଇଥିଲେ ଚଳମହଲ । ଦୁଇଁ ପିଛି ରାତିରେ ଆସୁଥିଲେ ମାଳ ମାଳ ଝିଅ । ତେବେ ଉଦ୍ଧାର ଦୁଇ ଯୁବତୀଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରାଯାଇଛି ।

ସେଇଥି ଆରମ୍ଭ
SEITHO ARAMBHA
ଶନିବାର, ୧୮ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଅଂଚଳରେ ବିଭିନ୍ନ ପ୍ରକଳ୍ପର ତଦାରଖ କଲେ କନ୍ଧମାଳ ଜିଲ୍ଲାପାଳ

ବାଲିଗୁଡା, ୧୭/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକର ବିଭିନ୍ନ ଦୁର୍ଗମ ତଥା ଅପହଂଚ ଅଂଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ । ସରକାରୀ ଯୋଜନାର ସୁଫଳ ରୂପାୟନ ଯେପରି ଶେଷ ସୀମାରେ ଥିବା ଲୋକଙ୍କ ପାଖରେ ପହଂଚିପାରିବ, ସେଥିପାଇଁ ଜିଲ୍ଲାପାଳ ନିଜେ ବିଭିନ୍ନ ପଂଚାୟତ ପରିଦର୍ଶନ କରି କାର୍ଯ୍ୟର ମାନ ଓ ଅଗ୍ରଗତି ଅନୁଧ୍ୟାନ କରିଛନ୍ତି । ସକାଳୁ ତାଲୁଙ୍ଗିଆ ପଂଚାୟତ ଅନ୍ତର୍ଗତ କଲିଙ୍ଗିରେ ପହଂଚି ସେଠିକାର ବିଭିନ୍ନ ସମସ୍ୟା ବିଷୟରେ ବୁଝିବା ସହ କଣ କଣ ସବୁ କାମ ହେବ ସେ ନେଇ ଦାରିଙ୍ଗବାଡ଼ି ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଭ୍ରମରବାଡ଼ି ଅଙ୍ଗନବାଡ଼ି ଗୃହ କାର୍ଯ୍ୟ, ରିଣ୍ଡାବାଲି ଜଳ ପ୍ରପାତ କାର୍ଯ୍ୟ ଦେଖିବା ସହ କିଭଳି ଅଧିକ ସୌନ୍ଦର୍ଯ୍ୟ କରାଯିବ ସେନେଇ ଆଲୋଚନା କରିଥିଲେ, ବାଡାବାଙ୍ଗୀ ଗ୍ରାମ ପଂଚାୟତ ଭବନ, ଡାଡାକେଡା ବନ ସଂରକ୍ଷଣ ସମିତି କୋଠା ଆଦି କାର୍ଯ୍ୟ ବୁଲି ଦେଖିବା ସହ ଦାରିଙ୍ଗବାଡି ର ମଲ୍ଟି ଭିଲେଜ ସ୍କିମ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟ ଓ ପାଟୀ ସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହ କାର୍ଯ୍ୟ ଦେଖିଥିଲେ । ଶେଷରେ ଦାରିଙ୍ଗବାଡିର ସନ୍‌ସେଟ୍ ପଏଂଟରେ ପହଂଚି କାର୍ଯ୍ୟର ତଦାରଖ କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡିଓ ପ୍ରୀତି ରଞ୍ଜନ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, କନିଷ୍ଠ ଯନ୍ତ୍ରୀ ମନୋଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

ବିବାହରେ ଅଙ୍ଗଦାନ

କଟକ, ୧୭/୦୪(ଆ.ପ୍ର) : ନିଜ ବିବାହ ଉତ୍ସବରେ ନିଆରା ଢଙ୍ଗରେ କରିଛନ୍ତି ଯୁବ ଲେଖକ ତଥା ସ୍ତମ୍ଭକାର ରବିନାରାୟଣ ପଟ୍ଟନାୟକ । ଡ଼.ରାମଚନ୍ଦ୍ର ପଟ୍ଟନାୟକ ଓ ବାସନ୍ତୀ ପଟ୍ଟନାୟକ ସୁପୁତ୍ର ହେଉଛନ୍ତି ରବିନାରାୟଣ । ସେ କଟକ ଜିଲ୍ଲା କନ୍ଦରପୁର ନିବାସୀ ପ୍ରଫୁଲ୍ଲ ଦାସଙ୍କ ଏକମାତ୍ର କନ୍ୟା ପ୍ରୀତି ପ୍ରଜ୍ଞା ଦାସଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ନିଜ ବିବାହ ଅବସରରେ ସେ ନିଜ ଅଙ୍ଗଦାନ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସାକ୍ଷୀ ଭାବେ ପତ୍ନୀ ପ୍ରିତିପ୍ରଜ୍ଞା ଦାସ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ପୁରା ପରିବାର ଉପସ୍ଥିତ ଥିଲେ । ବିବାହ ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର(ଉତର)ମାନ୍ୟବର ବିଧାୟକ ସୁଶାନ୍ତ ରାଉତ, କଟକ (ବାରବାଟୀ) ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଜୟ ଓଡ଼ିଶାର ପ୍ରତିଷ୍ଠାତା ତଥା ଉଦ୍ୟୋଗପତି ରୁଦ୍ର ସାମନ୍ତରାୟ, ଯୁବ ନେତା ତଥା ସିଏମ୍‌ସି କର୍ପୋରେଟର ଅମରେଶ ଜେନା, ଯଶୋଦା ମା ଫାଉଣ୍ଡେସନ ପ୍ରତିଷ୍ଠାତ୍ରୀ ତଥା ବିଶିଷ୍ଟ ସମାଜସେବୀ ନିବେଦିତା ଲେଙ୍କା, ବିଜେପି ଯୁବ ନେତା ଗୌତମ ବେହେରା, ଯୁବ ସମାଜିକ କର୍ମୀ ପ୍ରତ୍ୟୁଷ ଭଞ୍ଜ ପ୍ରମୁଖ ଉପସ୍ଥିତ ହେବା ସହିତ ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରୁଥିଲେ ।

ଶିକ୍ଷା ଓ ଜୀବନକୌଶଳ ସମ୍ବନ୍ଧରେ ବିସ୍ତୃତ ଆଲୋଚନା

ଅନ୍ତେବାସୀ ଶିଶୁମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ କର୍ମଶାଳା

ଭଦ୍ରକ, ୧୭/୦୪(ଆ.ପ୍ର) : ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ସଂଯୋଗ କଟକ ,ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି,ଭଦ୍ରକଙ୍କ ସହଯୋଗ ରେ ଜିଲ୍ଲା ସ୍ତରରେ ଥିବା ୭ଗୋଟି ଶିଶୁ ଅନୁଷ୍ଠାନର ଅନ୍ତେବାସୀଙ୍କ ନିମନ୍ତେ "କ୍ୟାରିୟର କାଉନସେଲିଂ" ଶୀର୍ଷକ ଏକ ସଚେତନତା ମୂଳକ କର୍ମଶାଳା ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ସଦସ୍ୟ ପ୍ରଦୀପ୍ତ କୁମାର କର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦାନ କରି ଶିଶୁମାନଙ୍କ ଭବିଷ୍ୟତ ପାଇଁ କ୍ୟାରିୟର ବିକଳ୍ପ, କୌଶଳ ଉନ୍ନତି ଓ ଲକ୍ଷ୍ୟ ନିର୍ଦ୍ଧାରଣ ସମ୍ପର୍କରେ ଆଲୋକପାତ କରିଥିଲେ । ବିଷୟ ବିଶାରଦ ଭୂପେ ରାମ କିଶୋର ଶର୍ମା ଯୋଗଦାନ କରି କ୍ୟାରିୟର ଚୟନ, ଶିକ୍ଷା ଓ ଜୀବନ କୌଶଳ ବିଷୟରେ ବିସ୍ତୃତ ଆଲୋଚନା କରି ବିଭିନ୍ନ ଶିଶୁ ଅନୁଷ୍ଠାନ ରେ ରହୁଥିବା ଅନ୍ତେବାସୀ ଶିଶୁମାନଙ୍କୁ ନିଜ ଭବିଷ୍ୟତ ପାଇଁ ନୂତନ ଦିଗ ଓ ଆତ୍ମବିଶ୍ୱାସ ଲାଭ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ତେବାସୀ ଓ ଶିଶୁ ଅନୁଷ୍ଠାନର କର୍ମକର୍ତା ପ୍ରାୟୋଗିକ ଦିଗରେ ମାର୍ଗଦର୍ଶନ ଲାଭ କରିଥିଲେ । ମଂଚ ଆହ୍ୱାନ ସଂଯୋଗର ମଣ୍ଡଳ ସଂଯୋଜିକା ରୂପାଲି ମହାନ୍ତି ପ୍ରଦାନ କରେ ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁ, ବିକାଶ ମହାନ୍ତି, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ସୁରକ୍ଷା ଶାଖାର ପିଓଆଇସି ବିଶ୍ୱ ନାରାୟଣ ପଣ୍ଡା, ପିଓଏନାଇସି ସ୍ୱାଗତିକା ବାରିକ୍,ଦମୟନ୍ତୀ ଦାଶ,ମହେଶ ଦାଶ,ଲକ୍ଷ୍ମୀ ପ୍ରିୟା ମଲ୍ଲିକ ସମେତ ଶିଶୁ ଅନୁଷ୍ଠାନ ର ଅଧୀକ୍ଷକ ସରିତା ସାମଲ, ଲିପିକା ପଣ୍ଡା,ଯୋଗମାୟା ଚାନ୍ଦ, ଜ୍ୟୋତିପ୍ରକାଶ ପତି, ତଥାଗତ ଜେନା, ଦେବିସ୍ମିତା ମହାନ୍ତି,ସସ୍ମିତ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ନୂଆପଡାରେ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ପ୍ରଦର୍ଶନ

୧୦ ଟପ୍ପର ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସମ୍ବର୍ଦ୍ଧନା

ନୂଆପଡା, ୧୭/୦୪(ଆ.ପ୍ର) : ସିବିଏସଇ ଦଶମ ଶ୍ରେଣୀ–୨୦୨୬ର ପରୀକ୍ଷାରେ ଏବର୍ଷ ନୂଆପଡା ଜିଲ୍ଲାର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ଫଳାଫଳ ହାସଲ କରି ସ୍କୁଲ ଏବଂ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସମଗ୍ର ଶିକ୍ଷା, ନୂଆପଡାର ଆନୁକୂଲ୍ୟରେ ଦଶମ ଶ୍ରେଣୀ ଟପ୍ପରମାନଙ୍କ ପାଇଁ ଆଜି ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ମୁଖ୍ୟାଳୟର ସ୍ଥାନୀୟ କନଫରେନ୍ସ ହଲରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖରିଆରର ଛାତ୍ରୀ ଆରୁଷି ଶୁକ୍ଲା ୪୯୧ ମାର୍କ (୯୮.୨%) ସହ ଜିଲ୍ଲା ଟପ୍ପର ହୋଇଥିବାବେଳେ, ସେହି ବିଦ୍ୟାଳୟର ମଧୁସ୍ମିତା ମହାନ୍ତି ଓ ପ୍ରତିକ୍ଷା କୁମାର ୪୮୭ ମାର୍କ (୯୭.୪%) ସହ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ତରବୋଡର ସମୀକ୍ଷା ପି. ସବର ୪୮୨ (୯୬.୩୩%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନେଗିପାଲିର ଯୋଗେଶ କେଉଟ ୪୮୨ (୯୬.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଡିର ପ୍ରିୟାଂଶୀ ସାହୁ ୪୮୭ (୯୭.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଝାଗରାହିର ପ୍ରାଚୀ ଜୈନ ୪୭୫ (୯୫%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡିମାନପୁରର କୁମକୁମ ଟାର୍ଣ୍ଡି ୪୭୭ (୯୫.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେଶରାଜପୁରର ସୁଭ୍ରାନ ଶେଖର ପଣ୍ଡା ୪୬୯ (୯୩.୮%) ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ନୂଆପଡାର ପ୍ରେରଣା ସେଠ ୪୫୦ (୯୦%) ମାର୍କ ରଖି ସ୍ୱତନ୍ତ୍ର ସଫଳତା ଅଧିଗତ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମ୍ମାନିତ ଛାତ୍ରଛାତ୍ରୀମାନେ ନିଜ ସଫଳତାର ଯାତ୍ରା ବିଷୟରେ ଅନୁଭବ ବାଂଟି, ଦୃଢ଼ ପରିଶ୍ରମ, ଶିକ୍ଷକମାନଙ୍କ ମାର୍ଗଦର୍ଶନ ଓ ଅଭିଭାବକମାନଙ୍କ ପ୍ରେରଣାକୁ ସେମାନଙ୍କ ସଫଳତାର ମୂଳ ମନ୍ତ୍ର ବୋଲି କହିଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଆଜି ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି ସମ୍ବର୍ଦ୍ଧନା ସେମାନଙ୍କୁ ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ । ସେହିପରି ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ଓ ଦୃଷ୍ଟିକୋଣ ବିଷୟରେ ସେ ଉଲ୍ଲେଖ କରିଥିଲେ । ଏହି ସମ୍ବର୍ଦ୍ଧନା ସଭା ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ଆହୁରି ଉତମ ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବା ସହ ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ଉନ୍ନତିକୁ ଏକ ନୂତନ ଦିଗ ଦେଉଛି ।

ବୋଡ଼େନରେ ବିଜେଡିର ବିଜୁବାବୁଙ୍କ ପୂଣ୍ୟତିଥି ପାଳିତ

ଧର୍ମଗଡ, ୧୭/୦୪(ଆ.ପ୍ର) : ପ୍ରବାଦ ପୁରୁଷ, ଝଡ଼ର ଈଗଲ୍ ଓଡ଼ିଶାର ଗୌରବ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀମାନଙ୍କୁ ନେଇ ଧର୍ମଗଡ଼ ବ୍ଲକ ସଭାପତି ତାକେ ଲହଜଳଙ୍କ ନେତୃତ୍ୱରେ ବୋଡ଼େନ ଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତି ରେ ପୁଷ୍ପମାଳ୍ୟ ଦିଆ ଯାଇଥିଲା । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଗ୍ରହଣ କରିଥିଲେ ବଳିଷ୍ଠ ଭୂମିକା । ଲୋକଙ୍କ ହାତରେ କ୍ଷମତା ପ୍ରଦାନ କରି ସେ ପଂଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ । ରାଜନୀତିରେ ମହିଳାଙ୍କ ପାଇଁ ସଂରକ୍ଷଣ, ଶିଳ୍ପରୁ ଆରମ୍ଭ କରି ଓଡ଼ିଆ ସ୍ୱାଭିମାନ ରକ୍ଷାରେ ତାଙ୍କର ଅବଦାନ ଅତୁଳନୀୟ । ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ବିଜୁ ଜନତା ଦଳ ଓଡ଼ିଶା ମାଟିର ସେବାରେ ସଦା ସମର୍ପିତ । ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ କଟକର ତୁଳସୀପୁରଠାରେ ବିଜୁ ବାବୁ ଜନ୍ମ ଗ୍ରହଣ କରିଥିଲେ । ସେ ଏକାଧାରାରେ ଜଣେ ଦକ୍ଷ ରାଜନୀତିଜ୍ଞ, ବିମାନ ଚାଳକ ଏବଂ ଫୁଟବଲ୍ ଖେଳାଳୀ ଥିଲେ । କଟକର ରେଭେନ୍ସା କଲେଜିଏଟ ସ୍କୁଲରେ ସ୍କୁଲଶିକ୍ଷା ସାରିଲା ପରେ ରେଭେନ୍ସା କଲେଜରେ ବିଜ୍ଞାନ ପଢ଼ିଥିଲେ । ପାଠପଢ଼ା ସହିତ ଖେଳ ପ୍ରତି ତାଙ୍କର ବେଶ୍ ରୁଚି ରହିଥିଲା । ସେ ଦିଲ୍ଲୀର ଏରୋନଟିକ୍ସ ଟ୍ରେନିଂ ଶିକ୍ଷାନୁଷ୍ଠାନରେ ବିମାନ ଉଡ଼ାଣ ଶିକ୍ଷାରେ ଯୋଗ ଦେଇଥିଲେ । ସେ ନିଜେ ବିମାନ ଚଳାଇ ଇଣ୍ଡୋନେସିଆର ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଡଚମାନଙ୍କଠାରୁ ଉଦ୍ଧାର କରିଥିଲେ । ଏହି ଦୁଃସାହସିକ କାର୍ଯ୍ୟପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ସହ, ପୁରସ୍କାର ସ୍ୱରୂପ ମିଳିଥିବା କୋଟି କୋଟି ଟଙ୍କା ସେ ଇଣ୍ଡୋନେସିଆର ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରିଦେଇଥିଲେ । ବିଜୁ ପଟ୍ଟନାୟକ ଡାକୋଟା ବିମାନ ଚଳାଉଥିଲେ । ବିଜୁ ବାବୁ ଜଣେ ଦକ୍ଷ ରାଜନୀତିଜ୍ଞ ଥିଲେ ।ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ରାଜ୍ୟ ବିଜେଡି ମହିଳା ସଂଘ ସାଧାରଣ ସମ୍ପାଦିକା ହୀରା ବାଗ, ଜିଲ୍ଲା ବିଜେଡି ଉପସଭାପତି ଥବିର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରାଜୁ ଅଗ୍ରୱାଲ, କଲମ ପୁର ବ୍ଲକ ସଭାପତି ଅଭି ବାଗ, କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରା, ଧର୍ମଗଡ ବ୍ଲକ ମହିଳା ସଭାନେତ୍ରୀ ମମତା ଗୋପାଳ, କଲମପୁର ବ୍ଲକ ସଭାନେତ୍ରୀ ମଧୁ ଛନ୍ଦା, ଜିଲ୍ଲା ବିଜେଡି ସମ୍ପାଦକ ରାଜେନ୍ଦ୍ର ନାଏକ, ପ୍ରଶାନ୍ତ ତିୱାରୀ, ବେଣୁ ନାଏକ ପ ଂଚକ ପୋଡ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଶଙ୍କର କୁଏଡ, ପ୍ରଣବ ଭଇଁସାଲ, ହେମନ୍ତ ମାଝୀ, ନିବେଦିତା ହଂସ ଦୁହିତା ମାଝୀ, ବୈଜୟନ୍ତୀ ପୁଜାରୀ, ରତନ ନାଏକ, ରାଜେନ୍ଦ୍ର ଭୋଇ, ଯୁବ ନେତା ଭବାନୀ ବଣିଆ ଯୋଗଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ମୁନି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଯୁବନେତା ଉବେଶ ରାଇତା ମଂଚ ପରିଚାଳନା କରିଥିଲେ ।

ପାପଡାହାଣ୍ଡି ଅଗ୍ନିଶମ ବାହିନୀ ଓ ଜରୁରୀ କାଳୀନ ସେବା ଦ୍ୱାରା ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ

ପାପଡାହାଣ୍ଡି, ୧୭/୦୪(ଆ.ପ୍ର) : ପାପଡାହାଣ୍ଡି ବ୍ଲକରେ ଅଗ୍ନିଶମ ବିଭାଗ ଓ ଜରୁରୀ କାଳୀନ ସେବା ଦ୍ୱାରା ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଏ । ୧୯୪୪ ମସିହାରେ ଏପ୍ରିଲ ୧୪ରେ ମୁମ୍ବାଇର ଭିକ୍ଟୋରିଆ ଡୋକସିସ୍ ଭୟାବହ ଅଗ୍ନିକାଣ୍ଡ ଘଟି ୬୬ ଜଣ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ସେହି ଦିନକୁ ମନେ ରଖିବା ସହ ଶହିଦ୍ ମୃତ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ ତାରିଖକୁ ଅଗ୍ନିସେବା ସଂସ୍ଥା ଦ୍ୱାରା ସାରା ଦେଶରେ ଜାତୀୟ ଅଗ୍ନିଶମ ଶହିଦ୍ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ । ଆଜି ପାପଡ଼ାହାଣ୍ଡି ଅଗ୍ନିଶମ କାର୍ଯ୍ୟାଳୟ ଠାରୁ ଯୋଗାଯୋଗ ନଂ ୧୧୨ ଗାଡ଼ି ବାହାରି ବସଷ୍ଟାଣ୍ଡ ହୋଇ ଗ୍ରାମ ପରିକ୍ରମା କରିଥିଲା, ଏହି କାର୍ଯ୍ୟକ୍ରମରେ ଅଗ୍ନିକାଣ୍ଡ ଦାଉରୁ ନିଜକୁ ରକ୍ଷା କରିବା, କିପରି ନିଜ ଜୀବନ ବଂଚାଇବେ, ରୋଷେଇ ଗ୍ୟାସ୍, ଜଙ୍ଗଲରୁ ନିଆଁ କିପରି ଲିଭାଇବେ ରୋଷେଇ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଲେ କିଭଳି ନିଜକୁ ସୁରକ୍ଷିତ ରଖିବେ, ଏଥି ସହିତ ବିଭିନ୍ନ ପ୍ରକାରର ଆତ୍ମରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା । ଦୁର୍ଘଟଣା ବା ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ୧୧୨ ରେ ଫୋନ କରି ଖବର ଦେବାକୁ କୁହା ଯାଇଥିଲା ଏହି ଅବସରରେ ଏସ ଓ ଦୂରାଦକ୍ଷ ବାଗ, ଏଲ୍ ଏଫ୍ ଏଫ୍ ଦେବ ଚରଣ ଶବର, ଡ୍ରାଇଭର ହାବିଲଦାର ରାଜେଶ୍ କୁମାର ବେହେରା, ଏଫ୍ ଏଫ୍ ସିମଂଚାଳ ସେଠୀ, ଗୁଲେଫ୍ ଭୋଇ, କମୋ ହରିଜନ, ନିତ୍ୟାନନ୍ଦ ଖଣ୍ଡୋଗିରି, ଜେିଏ ଯବାନ ପାଢ଼ି, ସରୋଜ ରନା, ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

ଲୋନ ଦେବାକୁ କହି ଠକିନେଲେ ଲକ୍ଷାଧିକ ଟଙ୍କା

ଭଦ୍ରକ, ୧୭/୦୪(ଆ.ପ୍ର) :ଏକ ଲକ୍ଷ ଟଙ୍କା ଲୋନ ନେବାକୁ ହେଲେ ଦେବାକୁ ପଡିବ ୩୨୦୦ ଟଙ୍କା, ଏମିତି କହି ୧ ଲକ୍ଷ ୫୫ହଜାର ଟଙ୍କା ନେଇ ଛୁ ମାରିଛନ୍ତି ଫାଇନାନ୍ସ କର୍ମଚାରୀ । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ସହର ଅପର୍ତିବିନ୍ଧାରେ ଥିବା ଅନ୍ନପୂର୍ଣ୍ଣା ଫାଇନାନ୍ସ କାର୍ଯ୍ୟାଳୟରେ । ଭଦ୍ରକ ବ୍ଲକ ଅଧୀନ କୋଡବରୁଆଁ ପଂଚାୟତର ୨୦ ରୁ ଉର୍ଦ୍ଧ ମହିଳାଙ୍କୁ ଲୋନ ଦେବାର ପ୍ରଲୋଭନ ଦେଖାଇ ଡାକିଥିଲା ଅନ୍ନପୂର୍ଣ୍ଣା ଫାଇନାନ୍ସ । ଆଉଡ଼ି କରିବାକୁ କହି ୧ ଲକ୍ଷ ଟଙ୍କା ଲୋନ ବଦଳରେ ୩୨୦୦ ଟଙ୍କା ଫୋନ ପେ ଜରିଆରେ ଏମିତି ୧୦ ଲକ୍ଷ ଅଗ୍ରିମ ଟଙ୍କା ନେଇଗଲେ ଫାଇନାନ୍ସ କର୍ମଚାରୀ । କିନ୍ତୁ ୨୦ ଦିନ ବିତିଯାଇଥିଲେ ମଧ ଲୋନ ପ୍ରୋସେସ ହୋଇପାରୁନାହିଁ କହିଥିଲେ କର୍ମଚାରୀ । ସନ୍ଦେହ କରି ୨୦ ରୁ ଉର୍ଦ୍ଧ ମହିଳା କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ଦିନ ୧୧ରୁ ରାତି ୯ ଯାଏ ବସିରହିଥିବା ବେଳେ କାର୍ଯ୍ୟାଳୟକୁ ଆସିନଥିଲେ କର୍ମଚାରୀ । ଫୋନ କରିବାରୁ ସନ୍ତୋଷ ଜନକ ଉତର ଦେଇନଥିଲେ ଫାଇନାନ୍ସ କର୍ମଚାରୀ । ବାଧ୍ୟ ହୋଇ ଆଜି ଟାଉନ ଥାନାକୁ ଆସି ଅଭିଯୋଗ କରିଛନ୍ତି ମହିଳା ମାନେ ।

ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାରେ ଭକ୍ତ ମାନଙ୍କ ଲାଗିଛି ଭିଡ଼



ବାସୁଦେବପୁର,୧୭/୦୪(ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାଇକାଣିଡିହି ଗ୍ରାମ ପଂଚାୟତର ବଳରାମପୁର ଗ୍ରାମରେ ଶ୍ରୀ ଶ୍ରୀ ହନୁମାନଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ଭକ୍ତିମୟ ପରିବେଶରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ମନ୍ଦିର ପରିସରରୁ ଆରମ୍ଭ ହୋଇଥିବା ବିଶାଳ କଳସ ଶୋଭାଯାତ୍ରା ଗାଁର ବିଭିନ୍ନ ପଥରେ ପରିକ୍ରମଣ କରି ମଙ୍ଗଳା ପୋଖରୀରେ କଳସ ବୁଡାଇ ଶେଷ ହୋଇଥିଲା । ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତମାନେ ଯୋଗଦେଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଏପ୍ରିଲ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବରେ ହନୁମାନ ଚାଳିଶା ପାଠ, ବିଗ୍ରହ ପ୍ରତିଷ୍ଠା, ଯଜ୍ଞ, ପ୍ରବଚନ, ବିଶ୍ୱଶାନ୍ତି ଯଜ୍ଞ ଓ ପୂର୍ଣ୍ଣାହୁତି ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପ୍ରତିଦିନ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କମିଟି ପକ୍ଷରୁ କରାଯାଇଥିଲା । ମନ୍ଦିର ପରିସରକୁ ରଙ୍ଗବେରଙ୍ଗ ଆଲୋକରେ ସଜାଯାଇଥିବାବେଳେ, ଅନେକ ଗ୍ରାମ ପଂଚାୟତରୁ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଅବସରରେ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ରମାକାନ୍ତ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ରତିକାନ୍ତ ପ୍ରଧାନ ଓ ଶ୍ରୀ ଶ୍ରୀ ହନୁମାନ କମିଟିର ସଦସ୍ୟମାନେ ସହ ବଳରାମପୁର ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

ମୋବାଇଲ ସ୍କ୍ୱାର୍ଡ ଓ ଅବକାରୀ ଥାନା ମିଳିତ ଚଢାଉ, ମଦ ସହିତ ୫ ଗିରଫ୍

ଟାଙ୍ଗୀ ଚୌଦ୍ୱାର, ୧୭/୦୪(ଆ.ପ୍ର) : ସୁପରିଂଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ଓ କଟକ ମୋବାଇଲ ସ୍କ୍ୱାର୍ଡ ମିଳିତ ଭାବରେ ବଡ଼ ଧରଣର ଚଢାଉ କରି ପଦାଗାଁ, ଗୋଡି ପାଟଣା, ଡାଳିଯୋଡ଼ା ବ୍ରହ୍ମପୁର, ସଫା ଆଦି ବିଭିନ୍ନ ଅଂଚଳରେ ଚଢାଉ କରି ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ୍ ହୋଇଛି ୨୬୫ ଲିଟର ଦେଶୀ ମହୁଲି ମଦ ସହିତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଏହି ଚଢ଼ାଉରେ ଚୌଦ୍ୱାର ଅବକାରୀ ଥାନାର ଇନସ୍ପେକଟର ଉକ୍ତ ବସନ୍ତ ବର୍ମା, ଅକ୍ଷୟ ଜେନା, ଆଶୁତୋଷ ଜେନା, ଜୟପ୍ରକାଶ ବେହୁରା, ଦେବବ୍ରତା ଓଝା, ଅଜୟ ଜେନା, ରାଜକୃଷ୍ଣ ବିଶ୍ୱାଳ, ମୋନାଲିସା ଦାସ,ଲକ୍ଷ୍ମଣ ବେହେରା, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଉ ଅଛି । ଆସାମୀ ମାନକର ନାମ ଯଥାକ୍ରମେ ଡାଳିଯୋଡ଼ା ବ୍ରହ୍ମପୁର ବନମାଳୀ ଭୋଇ, ପଦାଗାଁର କାର୍ତିକ ରାଉତ ଓ ସନ୍ତୋଷ ଗୋଛାୟତ(ଧଣ୍ଡ),ସଫାର ସନ୍ତୋଷ ପାଣ୍ଡବ ଓ ପ୍ରଦୀପ୍ତ ଦାସ ବୋଲି ଜଣାପଡିଛି ।

ରାଣୀତାଲ ଯାତ୍ରୀ ବିଶ୍ରାମଗାର ଉଦ୍‌ଘାଟିତ

ଭଦ୍ରକ, ୧୭/୦୪(ଆ.ପ୍ର) : ଭଦ୍ରକ ଜିଲ୍ଲାର ଶେଷ ସୀମା ରାଣୀତାଲ ବଜାର ଦେଇ ଯାଇଛି ୧୬ନମ୍ବର ଜାତୀୟ ରାଜପଥ । ଏହି ରାଜପଥର ରାଣୀତାଲ ଛକରେ ଥିବା ବସ ଷ୍ଟପରୁ ଲୋହାଲ ରାସ୍ତାକୁ ଆସିବା ରାସ୍ତାକୁ ଜାତୀୟ ରାଜପଥ କତୃପକ୍ଷ ବ୍ୟାରିକେଟ ଦେଇ ବନ୍ଦ କରି ଦେଇଥିଲା । ଯାହା ଫଳରେ ବ୍ୟାରିକେଟ ଡେଇଁ ଛନ୍ଦୁଥିଲେ । ଅନେକ ସମୟରେ ବ୍ୟାରିକେଟ ଦେଇ ମହିଳା, ବୃଦ୍ଧ ଆହତ ହେବା ପରେ ରାଣୀତାଲର ବୁଦ୍ଧିଜୀବି ମାନେ ଜାତୀୟ ରାଜପଥ କତୃପକ୍ଷ, ଜିଲ୍ଲାପ୍ରଶାସନକୁ ବାରମ୍ବାର ଅବଗତ ସହ ସମ୍ବାଦରେ ବାରମ୍ବାର ପ୍ରକାଶ ପରେ ବି କିଛି ସୁଫଳ ମିଳି ନ ଥିଲା । ଶେଷରେ ରାଣୀତାଲ ବିକାଶ ମଂଚ ଓ ରାଣୀତାଲ ବରିଷ୍ଠ ନାଗରିକ ସଙ୍ଘ ସହଯୋଗରେ ନିର୍ମିତ ବିଶ୍ରାମ ଗାରକୁ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଉଦଘାଟନ କରିବା ସହ ବିନା ସରକାରୀ ସହାୟତାରେ ଏଭଳି ମହତ କାର୍ଯ୍ୟକ୍ରମକୁ କୃତଜ୍ଞତା ଜଣାଇଥିଲା । ଏହି ଅବସରରେ ରାଣୀତାଲ ବିକାଶ ମଂଚ ର ସଭାପତି ଭାଗିରଥି ନାୟକ ରାଣୀତାଲ ଡାକ୍ତରଖାନାରେ ୨୪ଘଂଟିଆ ଖୋଲାଯିବା ସହ ଆମ୍ବୁଲାନ୍ସ ବ୍ୟବସ୍ଥା ଓ ରାଣୀତାଲ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବୀ ପତ୍ର ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦଶରଥ ପଣ୍ଡା, ମୁନି ସମାଜର ସଭାପତି ବିନୋଦ ବିହାରୀ ବାରିକ, ଜଗଦଳପୁର ର ପୂର୍ବତନ ସରପଂଚ ବିଜୟ କୁମାର ମହାପାତ୍ର, ରାହାଞ୍ଜ ସରପଂଚ ରାଜେନ୍ଦ୍ର ଦାଶ, ଉର୍ମିଳା ସରପଂଚ ଗଣେଶ ଚନ୍ଦ୍ର ପଣ୍ଡା, ରାହାଞ୍ଜର ପୂର୍ବତନ ସଭାପତି ରବୀନ୍ଦ୍ର ସାହୁ, ସମାଜସେବୀ ଗଣେଶ ଦାଶ, ଅଞ୍ଜନ କୁମାର ଲେଙ୍କା, କୃଷ୍ଣଚନ୍ଦ୍ର ସେନାପତି, ସୁଜାତା ମହାପାତ୍ର,ପ୍ରବୋଧ ମିଶ୍ର,ରମେଶ ଚନ୍ଦ୍ର ବେହେରା, ସଂଗ୍ରାମ କର ଉପସ୍ଥିତ ଥିଲେ ।

ସେଇଠୁ

ଆରମ୍ଭ

SEITHO ARAMBHA

ଶନିବାର, ୧୮ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆର୍ଜେଂଟିନା ଫୁଟ୍‌ବଲ୍ ସଂଘ ବିରୋଧରେ ଆଉ ଏକ ଠକେଇ ଅଭିଯୋଗ

ମାୟାମି, ୧୭/୪(ନ୍ୟୁ.ଏ): ଆର୍ଜେଂଟିନା ଫୁଟ୍‌ବଲ୍ ସଂଘ ଓ ତାରକା ଖେଳାଳି ଲିଓନେଲ୍ ମେସିଙ୍କ ବିରୋଧରେ ଆଉ ଏକ ଠକେଇ ଅଭିଯୋଗ ଆସିଛି । ଆମେରିକାର ମିଆମିସ୍ଥିତ ଏକ ଇଭେଂଟ ପରିଚାଳନା ସଂସ୍ଥା ଭିଡ୍ ମ୍ୟୁଜିକ୍ ଗ୍ରୁପ୍‌ର ଅଭିଯୋଗ ଅନୁସାରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବାକୁ ପ୍ରାୟ ୭ ନିୟୁତ ଡଲାର (ପ୍ରାୟ ୬୫ କୋଟି ଟଙ୍କା) ଗ୍ରହଣ କରିବା ସତ୍ତ୍ୱେ ଦଳ ମ୍ୟାଚ୍ ଖେଳିବାକୁ ଆସି ନଥିଲା । ଏ ନେଇ ସଂସ୍ଥା ପକ୍ଷରୁ ମିଆମିର ଏକ ଅଦାଲତରେ ମାମଲା ରୁଜୁ କରାଯାଇଛି । ଏହି ଅଭିଯୋଗ ଅନୁସାରେ ଗତ ଅକ୍ଟୋବର ମାସରେ ଭେନେଜୁଏଲା ଓ ପୁଏର୍ତୋରିକୋ ବିପକ୍ଷରେ ଆର୍ଜେଂଟିନା ଦଳ ଦୁଇଟି ପ୍ରଦର୍ଶନୀ ମ୍ୟାଚ୍ ଖେଳିବାର ଥିଲା । ଚୁକ୍ତି ଅନୁସାରେ ଏସବୁ ମ୍ୟାଚ୍‌ରେ ମେସି ଖେଳିବା କଥା କିନ୍ତୁ ଅକ୍ଟୋବର ୧୦ରେ ଭେନେଜୁଏଲା ବିପକ୍ଷ ମ୍ୟାଚ୍‌ରେ ସେ ନ ଖେଳି, ଷ୍ଟାଡିୟମ୍‌ରେ ବସି ଖେଳ ଦେଖିଥିଲେ । ଆଘାତ କାରଣ ଦର୍ଶାଇ ସେ ଖେଳି ନଥିବା କୁହାଯାଇଥିଲେ ବି ପରଦିନ ସେ ନିଜ କ୍ଲବ୍ ଇଂଟର ମିଆମି ପକ୍ଷରୁ ଆଟ୍‌ଲାଂଟା ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲେ । ଏହା ଦ୍ୱାରା ବିପୁଳ ଆର୍ଥିକ କ୍ଷତି ହୋଇଥିବା 'ଭିଡ୍' ଅଭିଯୋଗ କରିଛି । ତେବେ ଅକ୍ଟୋବର ୧୪ରେ ପୁଏର୍ତୋରିକୋ ବିପକ୍ଷ ମ୍ୟାଚ୍‌ରେ ସେ ଖେଳିଥିଲେ । ଚଳିତ ମାସ ଆରମ୍ଭରେ କେରଳର କ୍ରୀଡ଼ାମନ୍ତ୍ରୀ ଭି.ଅବଦୁ ରହମାନ ଅଭିଯୋଗ କରିଥିଲେ ଯେ ପ୍ରାୟ ୨୫୦ କୋଟି ଟଙ୍କା ନେଇ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବାକୁ ଆର୍ଜେଂଟିନା ଫୁଟ୍‌ବଲ୍ ସଂଘ ଚୁକ୍ତି କରିଥିଲେ ବି ଖେଳିବାକୁ ଆସି ନଥିଲା ।

କ୍ୟାଣ୍ଡିଡେଟ୍ସରେ ବୈଶାଳୀଙ୍କ ଯାତ୍ରା, ନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳିରୁ ଚାମ୍ପିଅନ

ନୂଆଦିଲ୍ଲୀ, ୧୭/୪(ନ୍ୟୁ.ଏ): କ୍ୟାଣ୍ଡିଡେଟ୍ସ ୨୦୨୬ର ମହିଳା ବର୍ଗରେ ଭାଗ ନେଇଥିବା ୮ଜଣଙ୍କ ମଧ୍ୟରେ ସବୁଠୁ ନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳି ଥିଲେ ଡବ୍ଲ୍ୟୁଜିଏମ୍ ବୈଶାଳୀ । ସେ ଫିଡେ ମାନ୍ୟତା ତାଲିକାରେ ୧୮ତମ ସ୍ଥାନରେ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚୀନ ତାରକା ଝୁ ଜିନର ଦ୍ୱିତୀୟ, ଟାନ୍ ଝୋନଗୀ ଷଷ୍ଠ, ଆଲେକସାନ୍ଦ୍ରା ଗୋର୍ୟାଚକିନା ସପ୍ତମ, ଆନ୍ନା ମୁଜିଚୁକ ଅଷ୍ଟମ, ବିବିସାରା ଆସାଉବାୟେଭା ନବମ, କାଟେରିନା ଲାଗ୍ନୋ ଦଶମ, ଦିବ୍ୟା ଦେଶମୁଖ ୧୨ତମ ମାନ୍ୟତାପ୍ରାପ୍ତ ଖେଳାଳି ରହିଥିଲେ । ମାତ୍ର ବୈଶାଳୀ ସମସ୍ତଙ୍କୁ ପଛରେ ପକାଇ ଚାମ୍ପିଅନ୍ ହୋଇଥିଲେ । ଭାରତୀୟ ଗ୍ରାଣ୍ଡମାଷ୍ଟର କୁନେରୁ ହମ୍ପି ଓହରିଯିବା ପରେ ଝୋନଗୀ ତାଙ୍କ ସ୍ଥାନରେ ଖେଳିବାକୁ ସୁଯୋଗ ପାଇଥିଲେ । ଗତ ବର୍ଷ ଫିଡେ ମହିଳା ଗ୍ରାଣ୍ଡ୍ ସ୍ୱିସ୍ ଟୁର୍ଣ୍ଣାମେଂଟରେ ଚାମ୍ପିଅନ୍ ହୋଇ ବୈଶାଳୀ କ୍ୟାଣ୍ଡିଡେଟ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ଲାଗ୍ନୋ ରନର୍ସ ଅପ୍ ହୋଇଥିଲେ । କ୍ୟାଣ୍ଡିଡେଟ୍ସର ପ୍ରଥମ ୪ଟି ରାଉଣ୍ଡରେ ବୈଶାଳୀ ଡ୍ର' କରିଥିଲେ । ପଂଚମ ରାଉଣ୍ଡରେ ସେ ଜିନରଙ୍କ ଠାରୁ ପରାଜିତ ହୋଇଥିଲେ । ମାତ୍ର ପରବର୍ତୀ ୨ଟି ରାଉଣ୍ଡରେ ସେ ଯଥାକ୍ରମେ ଲାଗ୍ନୋ ଓ ଝୋନଗୀଙ୍କୁ ହରାଇ ମିଳିତ ଶୀର୍ଷ ସ୍ଥାନକୁ ଫେରିଥିଲେ । ଅଷ୍ଟମ ରାଉଣ୍ଡରେ ବିବିସାରାଙ୍କ ବିପକ୍ଷରେ ଡ୍ର' କରିବା ପରେ ନବମ ରାଉଣ୍ଡରେ ଦିବ୍ୟାଙ୍କୁ, ୧୧ତମ ରାଉଣ୍ଡରେ ଗୋର୍ୟାଚକିନାଙ୍କୁ ହରାଇ ଟାଇଟଲ୍ ଆଶା ଉଜ୍ଜୀବିତ କରିଥିଲେ । ୧୨ତମ ରାଉଣ୍ଡରେ ଜିନରଙ୍କଠୁ ପରାଜିତ ହେବା ପରେ ବୈଶାଳୀ ଚାପରେ ପଡ଼ି ଯାଇଥିଲେ । ଏହାପରେ ସେ ୧୩ତମ ରାଉଣ୍ଡରେ ଡ୍ର' କରିଥିଲେ ଏବଂ ୧୪ତମ ରାଉଣ୍ଡରେ ଲାଗ୍ନୋଙ୍କୁ ହରାଇ ଚାମ୍ପିଅନ୍ ହେବା ସହ ବିଶ୍ୱ ଚାମ୍ପିଅନସିପ୍ ଫାଇନାଲକୁ ଯୋଗ୍ୟତା ହାସଲ କରିଥିଲେ । ସାରା ଭାରତ ଆଇପିଏଲ୍ ରୋମାଂଚରେ ମସଗୁଲ ରହିଥିବାବେଳେ ସବୁ ଆଲୋଚନାଠୁ ଦୂରରେ ରହି ଇତିହାସ ରଚିଛନ୍ତି ଭାରତୀୟ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ଆର ବୈଶାଳୀ । ସାଇପ୍ରସରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନସିପର ମହିଳା ବର୍ଗରେ ଚାମ୍ପିଅନ୍ ହୋଇ ବୈଶାଳୀ ବିଶ୍ୱ ଚେସ୍ ଚାମ୍ପିଅନସିପ୍ ଫାଇନାଲ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି । ଟାଇଟଲ ଲଢେଇରେ ସେ ଡିଫେଣ୍ଡିଂ ଚାମ୍ପିଅନ ଚୀନର ଜୁ ଓ୍ୱେନଜୁନଙ୍କୁ ଭେଟିବେ । ପ୍ରଥମ ଭାରତୀୟ ମହିଳା ଚେସ୍ ଖେଳାଳି ଭାବେ ବୈଶାଳୀ କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି ଓ ଦ୍ୱିତୀୟ ଭାରତୀୟ ମହିଳା ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ୍ସିପ ଟାଇଟଲ ପାଇଁ ଯୋଗ୍ୟତା ଲାଭ କରିଛନ୍ତି । ତାଙ୍କ ପୂର୍ବରୁ ଗ୍ରାଣ୍ଡ ମାଷ୍ଟର କନେରୁ ହମ୍ପି ପ୍ରଥମ ଭାରତୀୟ ମହିଳା ଭାବେ ୨୦୧୧ରେ ବିଶ୍ୱ ଚାମ୍ପିଅନ୍ସିପ ଫାଇନାଲ ଖେଳିଥିଲେ । ବୈଶାଳୀ ଏହି ଐତିହାସିକ ସଫଳତା ସହିତ ମହିଳା ବିଶ୍ୱ ଚେସ୍ ପ୍ରତିଯୋଗିତା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ବିଶ୍ୱ ମୁକୁଟ ଲଢେଇରେ ତାଙ୍କ ସମ୍ମୁଖରେ ରହିଛନ୍ତି ବିଜୟିନୀ ଚୀନର ଜୁ ଓ୍ୱେନ୍ଜୁ ।

ତୃତୀୟ ଥର ପାଇଁ ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ହରିବଂଶ

ନୂଆଦିଲ୍ଲୀ, ୧୭/୪(ନ୍ୟୁ.ଏ): ମନୋନୀତ ସଦସ୍ୟ ହରିବଂଶ ଶୁକ୍ରବାର ରାଜ୍ୟସଭାର ଉପାଧ୍ୟକ୍ଷ ଭାବରେ ତୃତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ବିରୋଧୀ ଦଳ କୌଣସି ପ୍ରାର୍ଥୀ ଦେଇ ନ ଥିବାରୁ ହରିବଂଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ରାଜ୍ୟସଭା ସଦସ୍ୟ ଭାବରେ ହରିବଂଶଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଏପ୍ରିଲ ୯ରେ ଶେଷ ହୋଇଥିଲା । ଏହାପରେ ରାଜ୍ୟସଭା ଉପାଧ୍ୟକ୍ଷଙ୍କ ପଦବୀ ଖାଲି ପଡିଥିଲା ଏବଂ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ନିର୍ବାଚନ ତାରିଖ ଧାର୍ଯ୍ୟ କରିଥିଲେ । ରାଜ୍ୟସଭାରେ ଗୃହନେତା ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ବିରୋଧୀ ଦଳର ନେତାମାନଙ୍କୁ ସର୍ବସମ୍ମତି ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ହରିବଂଶଙ୍କ ଏହି ପଦକୁ ପ୍ରତ୍ୟାବର୍ତନ ଦ୍ୱାରା ପ୍ରଥମ ଥର ପାଇଁ ଜଣେ ମନୋନୀତ ସଦସ୍ୟ ଉପାଧ୍ୟକ୍ଷ ପଦରେ ଅଛନ୍ତି । ରାଜ୍ୟସଭାର ନିୟମାବଳୀ ମନୋନୀତ ଓ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ । ହରିବଂଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଚ୍ଚ ସଦନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ଲଗାତାର ତୃତୀୟ ଥର ପାଇଁ ନିର୍ବାଚିତ ହେବା ଶ୍ରୀ ହରିବଂଶଙ୍କ ଉପରେ ସଦନର ଆସ୍ଥାର ଗଭୀର ଅଭିବ୍ୟକ୍ତି । ଶ୍ରୀ ମୋଦୀ କହିଥିଲେ ଯେ ଅତୀତରେ ହରିବଂଶଙ୍କ ଅଭିଜ୍ଞତା ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଲାଗି ସେ କରିଥିବା ପ୍ରୟାସରୁ ଗୃହ ବିଶେଷ ଉପକୃତ ହୋଇଛି । ସେ ଆହୁରି କହିଛନ୍ତି ଯେ ହରିବଂଶ ତାଙ୍କ ସାଂସଦ ପାଣ୍ଠିକୁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗବେଷଣା ପ୍ରକଳ୍ପ ପାଇଁ ଖର୍ଚ୍ଚ କରିଛନ୍ତି । ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ଯୁବ ପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ହରିବଂଶଙ୍କ ଅବଦାନକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଉପାଧ୍ୟକ୍ଷ ବିରୋଧୀଙ୍କ ଯତ୍ନ ନେବେ ଏବଂ ସେମାନଙ୍କୁ ଗୃହରେ ପର୍ଯ୍ୟାପ୍ତ ସମୟ ଦେବେ ବୋଲି ଶ୍ରୀ ଖଡ଼ଗେ ଆଶା ବ୍ୟକ୍ତ କରିଛନ୍ତି । କଂଗ୍ରେସ ନେତା ଆହୁରି କହିଛନ୍ତି ଯେ ୨୦୧୯ ମସିହାରୁ ଲୋକସଭାରେ ଉପବାଚସ୍ପତି ପଦ ଖାଲି ପଡ଼ିଥିବାରୁ ସେ ଦୁଃଖିତ, ଯାହା ସମ୍ବିଧାନର ଆତ୍ମାର ବିରୁଦ୍ଧାଚରଣ କରୁଛି । ଏହା ପୂର୍ବରୁ ହରିବଂଶଙ୍କୁ ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହେବା ସମୟରେ ସମାଜବାଦୀ ପାର୍ଟି ଓ ଟିଏମ୍‌ସି ବାକଆଉଟ କରିଥିଲେ । ତୃଣମୂଳ କଂଗ୍ରେସ ରାଜ୍ୟସଭା ସାଂସଦ ଡେରେକ ଓ'ବ୍ରାଇନ୍ ଉପାଧ୍ୟକ୍ଷଙ୍କୁ ନିଯୁକ୍ତ କରିବାରେ ତରବର ହେବା ଉପରେ ପ୍ରଶ୍ନ କରିଛନ୍ତି । ଗତ ସାତ ବର୍ଷ ମଧ୍ୟରେ ଲୋକସଭାରେ କୌଣସି ଉପବାଚସ୍ପତି ନିଯୁକ୍ତ ହୋଇନାହାନ୍ତି । ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ଏହି ନିର୍ବାଚନକୁ ତିନିଦିନିଆ ସ୍ୱତନ୍ତ୍ର ବୈଠକରେ ତରବରିଆ ଭାବେ କରିବାର କ'ଣ ଆବଶ୍ୟକତା ଥିଲା ବୋଲି ଓ'ବ୍ରାଇନ୍ ପ୍ରଶ୍ନ କହିଛନ୍ତି ।

ଦ୍ୱୈତ ନାଗରିକତା ମାମଲାରେ ଏଫ୍‌ଆଇଆର ଓ ସିବିଆଇ ତଦନ୍ତ ନିର୍ଦ୍ଦେଶ

ଲକ୍ଷ୍ନୌ, ୧୭/୪(ନ୍ୟୁ.ଏ): ପୂର୍ବତନ କଂଗ୍ରେସ ସଭାପତି ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆଜି ଏକ ବଡ଼ ଝଟ୍‌କା ମିଳିଛି । ବହୁ ଚର୍ଚ୍ଚିତ ଦ୍ୱୈତ ନାଗରିକତା ବିବାଦରେ ଆହ୍ଲାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଂଚ ଆଜି ରାହୁଲଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରିବା ସହ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାୟବରେଲି ସ୍ଥିତ ସଦର ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କୋର୍ଟ କହିଛନ୍ତି ଯେ ଏହି ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)କୁ ହସ୍ତାନ୍ତର କରିପାରିବେ । କର୍ଣ୍ଣାଟକର ବିଜେପି କର୍ମୀ ଏସ୍. ବିଗ୍ନେଶ ଶିଶିର ଏହି ପିଟିସନ ଦାଖଲ କରିଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ ରାହୁଲ ଗାନ୍ଧୀ ଜଣେ ଭାରତୀୟ ସାଂସଦ ଥାଇ ମଧ୍ୟ ବ୍ରିଟିସ ନାଗରିକତା ଗ୍ରହଣ କରିଥିଲେ । ୨୦୦୩ରୁ ୨୦୦୯ ମଧ୍ୟରେ ବ୍ରିଟେନର 'ବ୍ୟାକଅପ୍ସ ଲିମିଟେଡ' ନାମକ ଏକ କମ୍ପାନିର ବାର୍ଷିକ ରିଟର୍ଣ୍ଣ ଦାଖଲ ସମୟରେ ରାହୁଲ ନିଜକୁ ବ୍ରିଟିସ ନାଗରିକ ଭାବେ ଦର୍ଶାଇଥିବା ନେଇ ଦସ୍ତାବିଜ ଉପସ୍ଥାପନ କରାଯାଇଛି । ଏହି ମାମଲା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ପାସପୋର୍ଟ ଆକ୍ଟ ଏବଂ ଅଫିସିଆଲ ସିକ୍ରେଟ ଆକ୍ଟ ଅନୁଯାୟୀ ସଙ୍ଗୀନ ଅପରାଧ ବୋଲି ଦର୍ଶାଯାଇଛି ।ଭାରତୀୟ ସମ୍ବିଧାନର ଧାରା ୯ ଅନୁଯାୟୀ, କୌଣସି ଭାରତୀୟ ନାଗରିକ ସ୍ୱେଚ୍ଛାକୃତ ଭାବେ ଅନ୍ୟ ଦେଶର ନାଗରିକତା ଗ୍ରହଣ କଲେ ତାଙ୍କର ଭାରତୀୟ ନାଗରିକତା ସ୍ୱାଭାବିକ ଭାବେ ଭାବେ ରଦ୍ଦ ହୋଇଯାଏ । ଯଦି ଏହି ଅଭିଯୋଗ ପ୍ରମାଣିତ ହୁଏ, ତେବେ ରାହୁଲ ଗାନ୍ଧୀଙ୍କ ସାଂସଦ ପଦ ରଦ୍ଦ ହେବା ସହ ସେ ଭବିଷ୍ୟତରେ ନିର୍ବାଚନ ଲଢ଼ିବାରୁ ବଂଚିତ ହୋଇପାରନ୍ତି । ବିଜେପି ପକ୍ଷରୁ ଏହାକୁ ଏକ ଗୁରୁତର ସାମ୍ବିଧାନିକ ଉଲ୍ଲଂଘନ କୁହାଯାଇଥିବା ବେଳେ, କଂଗ୍ରେସ ଏହାକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିହିତ କରିଛି ।

ଲୋକସଭାର ୮୫୦ ସିଟ୍ ଫର୍ମୁଲା ବୁଝାଇଲେ ଅମିତ ଶାହ

ନୂଆଦିଲ୍ଲୀ, ୧୭/୪(ନ୍ୟୁ.ଏ): ମହିଳା ସଂରକ୍ଷଣ ବିଲ ଉପରେ ଚାଲିଥିବା ବିତର୍କରେ ଭାଗ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପ୍ରଥମ ଦିନରେ ଲୋକଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି । ସୀମା ପୁନଃ ନିର୍ଦ୍ଧାରଣ ଦ୍ୱାରା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ କ୍ଷତି ସହିବେ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି, ତା'ଉପରେ ଶ୍ରୀ ଶାହ ସ୍ପଷ୍ଟୀକରଣ ଦେଇଛନ୍ତି । ସୀମା ପୁନଃ ନିର୍ଦ୍ଧାରଣ ପରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ କ୍ଷତି ସହିବା ବଦଳରେ ଲାଭ ପାଇବେ ବୋଲି ସେ କହିଛନ୍ତି । ତାଙ୍କ କହିବା କଥା , ସମ୍ବିଧାନ ସଂଶୋଧନ ବିଲ ଓ ୨ ଆଇନକୁ ନେଇ ପ୍ରଚାର କରାଯାଉଛି ଯେ ଏହା ଦ୍ୱାରା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର କ୍ଷମତା ହ୍ରାସ ପାଇବ । ହେଲେ ଏହା ସଂପୂର୍ଣ୍ଣ ମିଛ । ନୂଆ ଆଇନ ଲାଗୁ ହେବା ପରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର କ୍ଷମତା କେନ୍ଦ୍ରରେ ବୃଦ୍ଧି ପାଇବ । ବିଲରେ ସବୁ ରାଜ୍ୟର ଲୋକସଭା ଆସନ ସମାନ୍ତରାଳ ଭାବେ ୫୦% ବୃଦ୍ଧି ପାଇବ । ଏହାଦ୍ୱାରା ଦକ୍ଷିଣ ଭାରତର ସାଂସଦଙ୍କ ସଂଖ୍ୟା ଲୋକସଭାରେ ବଢ଼ିବ । ତାମିଲନାଡୁ ଅଧିକ ୨୦ଟି ଆସନ ପାଇବାକୁ ଯାଉଥିବା ବେଳେ କେରଳମ୍‌କୁ ୧୦ଟି, ତେଲଙ୍ଗାନାକୁ ୯ଟି ଓ ଆନ୍ଧ୍ର ପ୍ରଦେଶ ଅଧିକ ୧୩ଟି ଆସନ ପାଇବ । ମହାରାଷ୍ଟ୍ରକୁ ବର୍ତମାନ ତୁଳନାରେ ଅଧିକ ୨୪ଟି ଆସନ ମିଳିବ । ୫ ଦକ୍ଷିଣ ଭାରତୀୟ ରାଜ୍ୟରୁ ମୋଟ ୧୨୯ ଜଣ ସାଂସଦ ଏବେ ଲୋକସଭାକୁ ଆସୁଛନ୍ତି । ନୂଆ ନିୟମ ପରେ ଏହା ୧୯୫ରେ ପହଂଚିବ । ସେହିପରି ସେମାନଙ୍କ ଭାଗ ୨୩.୭୬%ରୁ ବଢ଼ି ୨୩.୮୭%ରେ ପହଂଚିଯିବ । ଶ୍ରୀ ଶାହ କହିଛନ୍ତି, "ବିରୋଧୀ ପଚାରୁଛନ୍ତି ୮୫୦ ସଂଖ୍ୟା କେଉଁଠୁ ଆସିଲା । ମୁଁ ଏହାକୁ ବିସ୍ତୃତ ଭାବେ କହିବି । ୮୫୦ ଗୋଟିଏ ସଂଖ୍ୟା । ମାନି ନିଅନ୍ତୁ ୧୦୦ଟି ଆସନ ରହିଛି ଓ ମହିଳାଙ୍କୁ ୩୩% ସଂରକ୍ଷଣ ଦିଆଯିବ । ମୋଟ ଆସନରେ ୫୦% ବୃଦ୍ଧି ହେଲେ ସିଟ ସଂଖ୍ୟା ୧୫୦ରେ ପହଂଚିବ । ୧୫୦ ସିଟ୍‌ରେ ୩୩% ସଂରକ୍ଷଣ ଲାଗୁ କଲେ ମୋଟ ଆସନ ପୁଣି ୧୦୦କୁ ଖସି ଆସିବ । ତେଣୁ ଏବେ ଗୃହରେ ବସୁଥିବା ୫୪୩ ସଦସ୍ୟଙ୍କ ସଂଖ୍ୟା ୫୦% ବଢ଼ିବ । ଏହାପରେ ଯେତେବେଳେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ହେବ ସେତେବେଳେ ବାକି ୫୪୩ ଆସନରେ ବି ସଂପୂର୍ଣ୍ଣ ମୁକ୍ତ ହୋଇ ରହିବ ଓ ମହିଳାମାନେ ସେଥିରେ ବି ଲଢ଼େଇ କରିପାରିବେ । ଏପରି ଭାବେ ୫୦% ଫର୍ମୁଲା ଆସିଛି । ୮୫୦ ଗୋଟିଏ ଆନୁମାନିକ ସଂଖ୍ୟା । ପ୍ରକୃତ ସଂଖ୍ୟା ୮୧୬ । ଏବେ ସେମାନେ ପଚାରି ପାରନ୍ତି ଏହା କେମିତି ହେଲା? ଏବେ ବି ରାଉଣ୍ଡ ଫିଗର ୫୪୩ ନୁହେଁ, ଏହା ୫୪୩ରୁ ଅଧିକ ।"

ନୁର ଖାନ୍ ଏୟାର ବେସ୍‌କୁ ଦୁର୍ଗରେ ପରିଣତ କରୁଛି ପାକିସ୍ତାନ

ଇସଲାମାବାଦ, ୧୭/୪(ନ୍ୟୁ.ଏ): ଗତବର୍ଷ ଅପରେସନ୍ ସିନ୍ଦୂର ସମୟରେ ଭାରତର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ନୁର୍ ଖାନ୍ ଏୟାର ବେସ୍‌କୁ ସେନା ମୁଖ୍ୟ ଅସୀମ ମୁନିର ଏକ ଦୁର୍ଗରେ ପରିଣତ କରୁଛନ୍ତି । ସଦ୍ୟତମ ଉପଗ୍ରହ ଚିତ୍ରରେ ସେନା ମୁଖ୍ୟାଳୟ ନିକଟରେ ଅବସ୍ଥିତ ପାକିସ୍ତାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଏୟାର ବେସ୍ ନୁର୍ ଖାନ୍‌ରେ ନୂତନ ନିର୍ମାଣ କାର୍ଯ୍ୟକଳାପ ଦେଖାଯାଇଛି । ଅପରେସନ୍ ସିନ୍ଦୂରର ପ୍ରାୟ ଏକ ବର୍ଷ ପରେ ବି ମରାମତି କାର୍ଯ୍ୟ ଜାରି ରହିଛି, ଯାହା ଭାରତର ଆକ୍ରମଣରେ ହୋଇଥିବା ଏହାର ବ୍ୟାପକ କ୍ଷୟକ୍ଷତିକୁ ଦର୍ଶାଉଛି । ଜିଓ-ଇଂଟେଲିଜେନ୍ସ ବିଶେଷଜ୍ଞ ଡାମିଏନ୍ ସାଇମନଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଉପଗ୍ରହ ଚିତ୍ରରେ ରାଓ୍ୱଲପିଣ୍ଡିର ଏୟାରବେସ୍‌ରେ ନୂତନ ହ୍ୟାଙ୍ଗର ନିର୍ମାଣ କରାଯାଉଥିବା ଦେଖାଯାଉଛି । ସାଇମନ୍ ସୂଚାଇ ଦେଇଛନ୍ତି ଯେ ଏହା କୌଣସି ନିୟମିତ ନିର୍ମାଣ ନୁହେଁ । ପ୍ରକୃତ ଉଦ୍ଦେଶ୍ୟ ହେଉଛି ଶତ୍ରୁମାନଙ୍କ ଦ୍ୱାରା ସାଇଟ୍ ଉପରେ ଆଇଏସ୍‌ଆର୍ (ଗୁପ୍ତଚର, ନିରୀକ୍ଷଣ, ଅନୁସନ୍ଧାନ) ତଥ୍ୟ ସଂଗ୍ରହକୁ ସୀମିତ କରିବା । ଏଭଳି ପଦକ୍ଷେପ ଦ୍ୱାରା ପାକିସ୍ତାନ ବାୟୁସେନାର କାର୍ଯ୍ୟକଳାପ ଉପରେ ନଜର ରଖିବା ଭାରତ ପାଇଁ ଅଧିକ କଷ୍ଟକର ହେବ । ମାରାତ୍ମକ ପହଲଗାମ ଆକ୍ରମଣର ଜବାବରେ ଆରମ୍ଭ ହୋଇଥିବା ଅପରେସନ୍ ସିନ୍ଦୂର ପାକିସ୍ତାନର ଦୁର୍ବଳତାକୁ ପ୍ରକାଶ କରିଥିଲା କାରଣ ଭାରତ ଏହାର ୧୧ଟି ପ୍ରମୁଖ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା । ପାକିସ୍ତାନର ରାଜଧାନୀ ଇସଲାମାବାଦଠାରୁ ମାତ୍ର ୨୫ କିଲୋମିଟର ଦୂରରେ ଥିବା ନୁର୍ ଖାନ୍‌ରେ ହୋଇଥିବା

ବିଜେପି ସୀତାଙ୍କୁ ଭୁଲି ଯାଇଛି, ସାହସ ଅଛି ତ ୫୦% ସଂରକ୍ଷଣ ଦିଅ : କଲ୍ୟାଣ ବାନାର୍ଜୀ

ନୂଆଦିଲ୍ଲୀ, ୧୭/୪(ନ୍ୟୁ.ଏ): ସଂସଦର ସ୍ୱତନ୍ତ୍ର ଅଧିବେଶନ ସମୟରେ ଲୋକସଭାରେ ନାରୀ ଶକ୍ତି ବନ୍ଦନ ସଂଶୋଧନ ଆଇନ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬ ଉପରେ ଆଲୋଚନା ହୋଇଛି । ଏହି ସମୟରେ ବିରୋଧୀ ଦଳ ସରକାରଙ୍କୁ ପ୍ରଶ୍ନ କରିଛି । ଯେତେବେଳେ ଗୋଟିଂ ହୋଇନାହିଁ ମହିଳା ସଂରକ୍ଷଣ ଆଇନର ବିଜ୍ଞପ୍ତି କିପରି ଜାରି କରାଗଲା । ସୀମା ନିର୍ଦ୍ଧାରଣ ସମ୍ପର୍କରେ କଂଗ୍ରେସ କହିଛି ଯେ, ଜନଗଣନା ପୂର୍ବରୁ ସୀମା ନିର୍ଦ୍ଧାରଣ କାର୍ଯ୍ୟାକରୀ କରିବା କେବଳ ସମ୍ବିଧାନକୁ ଦୁର୍ବଳ କରୁଛି । ମହିଳା ସଂରକ୍ଷଣ ଆଇନ ଉପରେ ବକ୍ତବ୍ୟ ରଖି ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ କହିଛନ୍ତି ବାଚସ୍ପତି ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିବା ଉଚିତ୍ । 'ତୁମେ ସୀତାଜୀଙ୍କୁ ଭୁଲି ଯାଇଛ'- ବିଜେପିକୁ ଟାର୍ଗେଟ କରି କଲ୍ୟାଣ ବାନାର୍ଜୀ କହିଛନ୍ତି, ମନ୍ତ୍ରୀମଣ୍ଡଳରେ ୫୦ ପ୍ରତିଶତ ସଂରକ୍ଷଣ ରହିବା ଉଚିତ୍ । ଲୋକସଭା ଆସନ ପାଇଁ ମଧ୍ୟ ଏକ ପ୍ରତିଶତ କୋଟା ସ୍ଥିର କରାଯିବା ଉଚିତ୍ । ଆମେ ଦେବୀ ଦୁର୍ଗାଙ୍କୁ ପୂଜା କରୁ ଯାହାଙ୍କୁ ପ୍ରଭୁ ରାମ ମଧ୍ୟ ପୂଜା କରୁଥିଲେ । ତମେ ଜୟଶ୍ରୀରାମ ମଧ୍ୟ କୁହ ଯେତେବେଳେ ଜୟ ସିଆ ରାମ କହ । ଏହିପରି ତୁମେ ସୀତାଙ୍କୁ ଭୁଲିଗଲ । ଲୋକସଭାରେ ମହିଳା ସଂରକ୍ଷଣ ଆଇନ ସହ ଜଡ଼ିତ ସମ୍ବିଧାନ (୧୩୧ତମ) ସଂଶୋଧନ ବିଲ୍ ୨୦୨୬ ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬ ଏବଂ କେନ୍ଦ୍ରଶାସିତ ଅଂଚଳ ଆଇନ (ସଂଶୋଧନ) ବିଲ୍ ୨୦୨୬ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ସେ ଦାବି କରିଥିଲେ ଯେ, ବିଜେପି ଭିତରେ ମହିଳାଙ୍କ ପ୍ରତି କୌଣସି ସମ୍ମାନ ନାହିଁ,ଯେତେବେଳେ ତୃଣମୂଳ କଂଗ୍ରେସ ଲୋକସଭାରେ ମହିଳାଙ୍କୁ ୩୯ ପ୍ରତିଶତ ଏବଂ ରାଜ୍ୟସଭାରେ ୪୬ ପ୍ରତିଶତ ପ୍ରତିନିଧିତ୍ୱ ଦେଇଛି । କଲ୍ୟାଣ ବାନାର୍ଜୀ କହିଛନ୍ତି, ପ୍ରଧାନମନ୍ତ୍ରୀ ପରବର୍ତୀ ନିର୍ବାଚନରେ ହାରିବା ଅନୁଭବ କରିବା ମାତ୍ରେ ସେ ଖେଳର ନିୟମ ପରିବର୍ତନ କରନ୍ତି । କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ, ତୃଣମୂଳ କଂଗ୍ରେସର ୨୯ ଜଣ ଲୋକସଭା ସଦସ୍ୟଙ୍କ ମଧ୍ୟ ୧୧ ଜଣ ମହିଳା ଏବଂ ୧୩ ଜଣ ରାଜ୍ୟସଭା ସଦସ୍ୟଙ୍କ ମଧ୍ୟରୁ ୬ ଜଣ ଅଛନ୍ତି । ଏହା ଘରଠାରୁ ଆରମ୍ଭ ହୁଏ । ସରକାର ମୂଳ ବିଲ୍ କାର୍ଯ୍ୟକାରୀ ନକରି ସଂଶୋଧନ ବିଲ୍ ଆଣିଥିଲେ ଏବଂ କେହି ଜଣେ ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟା ଦର୍ଶାଇବା ପରେ ଗୁରୁବାର ରାତିରେ ମୂଳ ଆଇନ କାର୍ଯ୍ୟକାରୀ କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଥିଲେ । କଲ୍ୟାଣ ବାନାର୍ଜୀ ଆହୁରି କହିଛନ୍ତି, ମନ୍ତ୍ରୀମଣ୍ଡଳର ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ଉଚିତ୍ । ଏହା ସହିତ ପ୍ରଧାନମନ୍ତ୍ରୀ ପଦ ମଧ୍ୟ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ଉଚିତ୍ । ଯେକୌଣସି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ପରବର୍ତୀ ସମୟରେ ପଦରେ ରହିବେ ନାହିଁ । ମୋର ବାଚସ୍ପତି ଓମ୍ ବିର୍ଲା ଜୀଙ୍କ ପ୍ରତି ବହୁତ ସମ୍ମାନ ଅଛି । ସେ ଜଣେ ବହୁତ ଭଲ ବ୍ୟକ୍ତି । କିନ୍ତୁ ଆଗାମୀ ଲୋକସଭା ନିର୍ବାଚନରେ ବିଜେପି କ୍ଷମତାକୁ ଆସିବ ନାହିଁ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das